## ସଂକ୍ଷେପରେ

### ନାଗାଲାଣ୍ଡ ଜଙ୍ଗଲ ପରିଚାଳନା ପ୍ରକଳ୍ପ ଅଧିକାରୀମାନଙ୍କ ଦେବଗଡ଼ ଗସ୍ତ

**ଦେବଗଡ଼,୧୭।୧୧(ଡି.ଏନ.ଏ):** ନାଗାଲାଣ୍ଡ ଜଙ୍ଗଲ ପରିଚାଳନା ପ୍ରକଳ୍ପର ଅଧିକାରୀମାନେ ଦିନିକିଆ ଦେବଗଡ ଜିଲାଗସ୍ତରେ ଆସି ଦେବଗଡ ବନଖଣ୍ଡ ଅଧିନସ୍ଥ ଦେବଗଡ ବନାଞ୍ଚଳର ବିଭିନ୍ନ ଜଙ୍ଗଲ ପରିଦର୍ଶନ କରିଛନ୍ତି। ଉପରୋକ୍ତ ପରିଚାଳନା ପ୍ରକଳ୍ପ ଅଧିକାରୀମାନେ ଦେବଗଡ଼ ବନାଞ୍ଚଳ ତିଲେଇବଣି ସେକ୍ସନ୍‌ର ଝରାଗୋଗୁଆ ବିଟ୍ ଅଧିନରେ ଥିବା ଡୁରିଜଙ୍ଗଲ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବୈତରଣୀ -ଇନିସିଏଟିଭ ଡାବର ଇଣ୍ଡିଆ ଏବଂ ବନ ବିଭାଗର ମିଳିତ ପ୍ରଚେଷ୍ଟାରେ ଚାଲିଥିବା ଔଷଧିୟ ଦ୍ରବ୍ୟ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ଅବସରରେ ସୁଦୂର ନାଗାଲାଣ୍ଡରୁ ଆସିଥିବା ଉକ୍ତ ପ୍ରକଳ୍ପ ଅଧିକାରୀମାନେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ସିଧାସଳଖ ଆଲୋଚନା କରିଥିଲେ। ସେହିପରି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ସଂଗ୍ରହ କରାଯାଇଥିବା ହରିଡା, ବାହାଡା, ଅଁଳା ଓ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟକୁ ପ୍ରକ୍ରିୟାକରଣ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଦ୍ରବ୍ୟ ଦେଖି ଆନନ୍ଦ ପ୍ରକଟ କରବା ସହ ଏଥିପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ । ଏନ୍‌ଆର୍‌ଏମ୍‌ସିର ପ୍ରଭଂଜନ ମହାପାତ୍ର ଓ ଡାବର ଇଣ୍ଡିଆର ସଦସ୍ୟ ନଳିନୀ କୁମାର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବନ ସଂରକ୍ଷିକା ସୁଧାଶ୍ରୀ ପ୍ରଧାନ ଯୋଗଦେଇଥିଲେ । ଦେବଗଡ ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ବୈତରଣୀ ଇନିସିଏଟିଭର ରାଜ୍ୟ ସଂଯୋଜକ ଦୀପକ କୁମାର ମିଶ୍ର ଓ ଡାବର ଇନିସିଏଟିଭ୍ ର କର୍ମଚାରୀଙ୍କ ସମେତ ତିଲେଇବଣି ସେକ୍ସନର ଫରେଷ୍ଟର କାର୍ତ୍ତିକେୟ ପ୍ରଧାନ ଭୋଲେଶ୍ୱର ସାହୁ ଓ ରୀତା ବାଗ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

### ରାଜ୍ୟସ୍ତରୀୟ କଳା ଉତ୍ସବରେ ସୁନ୍ଦରଗଡ଼ ଛାତ୍ରୀଛାତ୍ରଙ୍କ ସଫଳତା

**ସୁନ୍ଦରଗଡ,୧୭।୧୧(ଡି.ଏନ.ଏ.):** ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କଳା ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲା ଛାତ୍ରୀଛାତ୍ର ସଫଳତା ହାସଲ କରି ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ଏହି ରାଜ୍ୟସ୍ତରୀୟ କଳା ଉତ୍ସବରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର ହେଲେ ରାଉରକେଲା ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସୌମ୍ୟ ଶୁଭମ ସାହୁ-ସୋର ବାଦ୍ୟଯନ୍ତ୍ର ଇନଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ/ମେଲୋଡି)ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ରାଜଗାଙ୍ଗପୁର ଡାଲମିଆ ବିଦ୍ୟା ମନ୍ଦିର ନବମ ଶ୍ରେଣୀର ଛାତ୍ରୀ ଅନ୍ୱେଷା ଦାଶ ତାଳ ବାଦ୍ୟଯନ୍ତ୍ରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସୁନ୍ଦରଗଡ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସୁନ୍ଦରଗଡଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଏବଂ ବରଗଡ଼ଠାରେ ଅନୁଷ୍ଠିତ ଜୋନସ୍ତରୀୟ କଳା ଉତ୍ସବରେ ପ୍ରଥମ ସ୍ଥାନୀୟ କରି ସଫଳତା ହାସଲ କରିବା ପରେ ଭୁବନେଶ୍ୱର ୟୁନିଟ ଏ-୯ ବାଳକ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳା ଉସବରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ଏହି ଦୁଇ ଜଣ ଦିଲ୍ଲୀ ଠାରେ ହେବାକୁ ଥିବା ଜାତୀୟ କଳା ଉତ୍ସବରେ ଭାଗ ନେବେ।

# ପ୍ରଶାସନର ଔଷଧ ବିକଳରେ ତାଟିଆ କାମୁଡ଼ା

**ଲେଫ୍ରିପଡ଼ା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି**

ଲେଫ୍ରିପଡ଼ା,୧୭।୧୧(ଡି.ଏନ.ଏ. ) ଲେଫ୍ରିପଡ଼ା ବ୍ଲକର ବାଡୁନଝରିଆରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଘଟଣାରେ ବ୍ଲକ ପ୍ରଶାସନ ଔଷଧ ବିକଳରେ ତାଟିଆ କାମୁଡା ନୀତି ଅଲମ୍ବନ କରୁଥିବା ଅଭିଯୋଗ ହେଉଛି। ବାଡୁନଝରିଆ ମୁଖ୍ୟ କେନାଲଠାରୁ ମାଝୀ କୁଦର ରାସ୍ତାର ଉନ୍ନତିକରଣ ସହ ଗାର୍ଡୱାଲ ଏବଂ ସିଡ଼ି ନିର୍ମାଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୌଣସି କାମ ନ ହୋଇ ଟଙ୍କା ଉଠାଣ ହୋଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣ ପରେ ସେହି ଘଟଣାକୁ ଚାପି ଦେବା ନେଇ ତତ୍‌କ୍ଷଣାତ ବିନା ଶ୍ରମିକ ଡିମାଣ୍ଡ କିମ୍ବା ବିନା ମାଷ୍ଟର ରୁଲ ବାହାର କରି ସାଲେଟିକ୍ରା ଗ୍ରାମର ଶ୍ରମିକଙ୍କ ଦ୍ୱାରା ମାଟି ବୁହାଯାଇ ସୂଚନା ଫଳକ ତିଆରି ହୋଇଥିଲା। ଖବର ପ୍ରକାଶନ ପରେ ଦୋଷ ଲୁଚାଇବା ନେଇ ଦୁଇ ତିନି ଦିନ ବାଦ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା। କାର୍ଯ୍ୟ କରିଥିବା ଶ୍ରମିକମାନଙ୍କ ଉପସ୍ଥିତିରେ ତଦନ୍ତ କରାଯାଇଥିବା ବେଳେ ତଦନ୍ତ ସମୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଉକ୍ତ କାମରେ ଶ୍ରମିକମାନଙ୍କ ଦ୍ୱାରା ଖୋଳାଯାଇଥିବା ନଅ ଶହରୁ ଊର୍ଦ୍ଧ୍ୱ ମାଟି ଗାତ ଦେଖାଇବା ପାଇଁ କହିଥିଲେ । ସେହି କାର୍ଯ୍ୟସ୍ଥଳୀରେ ସେତିକି ପରିମାଣର ମାଟି ଗାତ ନ ଥିବାରୁ ଘଟଣାରେ ଦୁର୍ନୀତି ହୋଇଥିବା ଜାଣି ପାରିଥିଲେ। ଦୁର୍ନୀତି ଲୋକଲୋଚନକୁ ଆସିବା ପରେ ବାଡୁନଝରିଆ ଗ୍ରାମବାସୀ ଏବଂ ଗିରିଙ୍ଗକେଲା ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଦୁର୍ନୀତିରେ ଜଡିତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜିଆରଏସ୍‌ଙ୍କୁ ପଞ୍ଚାୟତରୁ ବଦଳି କରିବା ନେଇ ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସମ୍ପୃକ୍ତ କାର୍ଯ୍ୟ କରାଇଥିବା ଗାଁ ସାଥୀ ବିନିତା ଭୋଇଙ୍କ ଉପରେ ବିଡ଼ିଓ ଜନ୍ମେଜୟ ବେହେରା ୧ଲକ୍ଷ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଭରଣା ପାଇଁ ଆଦେଶ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ପରେ ସେହି ଦୁର୍ନୀତିରେ ଜଡିତ ଥିବା କିଛି ଅସାଧୁ କର୍ମଚାରୀ ଏବଂ ସେହି ବାଡୁନଝରିଆ ଗ୍ରାମର ଦୁର୍ନୀତିରେ ଜଡିତ ଥିବା ବ୍ୟକ୍ତିବିଶେଷ ଉଦ୍ଦେଶ୍ୟ ମୂଳକ ଭାବେ ବାଡୁନଝରିଆ ଗ୍ରାମରେ ଗତ ୨୦୨୦-୨୧ଆର୍ଥିକ ବର୍ଷରେ ହୋଇଥିବା ସନ୍ତୋଷ ଅମାତଘର ଠାରୁ ରାହାସ ମଣ୍ଡପ ରାସ୍ତାର ଉନ୍ନତିକରଣ କାର୍ଯ୍ୟରେ ପୁରୁଣା କାମକୁ ଅନିୟମିତତା ହୋଇଥିବା ନେଇ ମୁଖ୍ୟ କେନାଲଠାରୁ ମାଝୀକୁଦର ରାସ୍ତାର ଉନ୍ନତିକରଣ କାର୍ଯ୍ୟରେ ବିନା କାମ କରି ଟଙ୍କା ଫାଙ୍କି ଥିବା ଶ୍ରମିକମାନଙ୍କ ଦସ୍ତଖତ ନେଇ ବିଭିନ୍ନ ମହଲରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁରୁଣା କାମକୁ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରି ଉଦ୍ଦେଶ୍ୟମୂଳକ ଭାବେ ସମ୍ପୃକ୍ତ ଗାଁ ସାଥୀ ନକୁଳ ଡନସନାଙ୍କ ଉପରେ ଦୋଷ ଲଦି ପ୍ରଥମେ ୨ଲକ୍ଷ ୩୦ ହଜାର ଟଙ୍କା ଭରଣା କରିବାକୁ ଆଦେଶ ପ୍ରଦାନ କରାଯାଇଥିଲା। ପରେ ସମ୍ପୃକ୍ତ ଗାଁ ସାଥୀ ପକ୍ଷରୁ କାର୍ଯ୍ୟ କରିଥିବା କନିଷ୍ଠ ଯନ୍ତ୍ରୀ ଏବଂ ଜିଆର୍‌ଏସ୍ ବ୍ଲକରେ କାର୍ଯ୍ୟରତ ଥିବାରୁ ତାଙ୍କରି ଉପସ୍ଥିତିରେ ତଦନ୍ତ କରିବାକୁ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଣି ଥରେ ସେହି ପୁରୁଣା କାର୍ଯ୍ୟକୁ କାର୍ଯ୍ୟ କରିଥିବା କନିଷ୍ଠ ଯନ୍ତ୍ରୀ ଏବଂ ଜିଆରଏସକୁ ବାଦ ଦେଇ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ କାର୍ଯ୍ୟ କରିଥିବା ଶ୍ରମିକଙ୍କ କୌଣସି କଥା ବ୍ଲକ ପ୍ରଶାସନ ନ ଶୁଣି ମୁହଁ ବନ୍ଦ କରିବା ପାଇଁ କୁହାଯାଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ପୁଣି ଥରେ ସମ୍ପୃକ୍ତ ଗାଁ ସାଥୀଙ୍କୁ ୧ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଭରଣା କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଆଦେଶ ପ୍ରଦାନ କରିଥିବା ଜଣାପଡିଛି । ଅନ୍ୟ ପକ୍ଷରେ ସେହି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଟି ପୁରୁଣା କାର୍ଯ୍ୟ ହୋଇଥିବା ବେଳେ ପଞ୍ଚାୟତ ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ କରାଯାଇ ସୋସିଆଲ ଅଡିଟ ସରିଥିବା ବେଳେ ସେହି ସମୟରେ ସବୁ ଠିକ ଠାକ ରହିଥିଲା। ସୋସିଆଲ ଅଡିଟ ଟିମ ମଧ୍ୟ ସେହି ସମୟରେ କାର୍ଯ୍ୟସ୍ଥଳୀକୁ ଯାଇ ପରିଦର୍ଶନ କରିଥିଲେ । ସେତେବେଳେ ସେହି କାର୍ଯ୍ୟରେ କୌଣସି ଅଭିଯୋଗ ହୋଇ ନ ଥିଲା । ବର୍ତ୍ତମାନ ସେହି କାର୍ଯ୍ୟରେ ଅଭିଯୋଗ ହେବାରୁ ବ୍ଲକ ପ୍ରଶାସନର ତଦନ୍ତ କ୍ରମେ ଅନିୟମିତତା ହୋଇଥିବା ଘଟଣା ଜଣାପଡିଛି। ଯଦି ସେହି କାର୍ଯ୍ୟରେ ଅନିୟମିତତା ହୋଇଛି ତା ହେଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମାନୁଯାୟୀ କନିଷ୍ଠ ଯନ୍ତ୍ରୀ, ଜିଆରଏସ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏଠାରେ ବ୍ଲକ ପ୍ରଶାସନ ପକ୍ଷରୁ ସରକାରୀ କର୍ମଚାରୀଙ୍କୁ ବଞ୍ଚାଇ କେବଳ ଗାଁ ସାଥୀଙ୍କ ମୁଣ୍ଡରେ ଟଙ୍କା ଭରଣା ନିର୍ଦ୍ଦେଶ ପ୍ରଦାନ କରି ବାହାବା ନେଉଥିବା ଦେଖା ଦେଇଛି। ରାଜ୍ୟର ବିଭିନ୍ନ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିରେ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଟଙ୍କା ଭରଣା ସହିତ କାର୍ଯ୍ୟାନୁଷ୍ଠାନ କରାଯାଉଥିବା ବେଳେ ଲେଫ୍ରିପଡା ବ୍ଲକରେ ବ୍ଲକ ପ୍ରଶାସନ ଚୁପ କାହିଁକି ବୋଲି ଅଞ୍ଚଳବାସୀ ପ୍ରତିକ୍ରିୟା ଦେଇଛନ୍ତି। ଏଠାରେ ବ୍ଲକ ପ୍ରଶାସନ ଔଷଧ ବିକଳରେ ତାଟିଆ କାମୁଡା ନୀତି ଅଲମ୍ବନ କରୁଥିବା ନେଇ ବିଭିନ୍ନ ମହଲରୁ ପ୍ରକାଶ ପାଇଛି। ଅପରପକ୍ଷରେ ଗାଁ ସାଥୀ ବିନିତା ଭୋଇଙ୍କୁ ପ୍ରତିକ୍ରିୟା ସକାଶେ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରି ନାହିଁ । ଗାଁ ସାଥୀ ନକୁଳ ଡନସନାଙ୍କୁ ପଚାରିବାରୁ ମୁଁ କୌଣସି ଟଙ୍କା ଆତ୍ମସାତ କରି ନାହିଁ । କାର୍ଯ୍ୟରେ ଶ୍ରମିକମାନେ କାମ କରିଛନ୍ତି । ମଜୁରୀ ବାବଦକୁ ପ୍ରଶାସନ ପକ୍ଷରୁ ଯାଞ୍ଚ କରି ବିଲ୍ କରି ଶ୍ରମିକଙ୍କ ନିଜ ଆକାଉଣ୍ଟକୁ ଟଙ୍କା ପଠାଯାଇଛି। ଶ୍ରମିକମାନେ ଟଙ୍କା ପାଇଛନ୍ତି । ଏହି କାର୍ଯ୍ୟର ପଞ୍ଚାୟତସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି କରାଯାଇ ସୋସିଆଲ ଅଡିଟ କରାଯାଇଛି। ସେତେବେଳେ ମଧ୍ୟ କାର୍ଯ୍ୟ ଉପରେ କୌଣସି ଅଭିଯୋଗ ନ ଥିଲା । ଏହା ମୋ ବିରୁଦ୍ଧରେ ଉଦ୍ଦେଶ୍ୟମୂଳକ ଭାବେ କେତେକ କୁଚକ୍ରୀ ଷଡ଼ଯନ୍ତ୍ର କରି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ କରାଯାଇ ବଦନାମ କରାଯାଉଛି। ଅନ୍ୟ ପକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ବେହେରାଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସମ୍ପର୍କରେ ପଚାରିବାରୁ ସମ୍ପୃକ୍ତ ଗାଁ ସାଥୀମାନଙ୍କୁ ଟଙ୍କା ଭରଣା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

## ୧୧ ପାଇଲେ ଜନ ଜାତୀୟ ଗୌରବ ସମ୍ମାନ

ବଡ଼ଗାଁ, ୧୭।୧୧(ଡି.ଏନ.ଏ.) ସୁନ୍ଦରଗଡ ଜିଲା ବଡ଼ଗାଁ ସମେତ ଜିଲାର ୧୧ଜଣଙ୍କୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଜନଜାତି, ଉପଜାତି ଗବେଷଣା ତଥା ତାଲିମ କେନ୍ଦ୍ର ପ୍ରେକ୍ଷାଳୟରେ ମଙ୍ଗଳବାର ଜନ ଜାତି ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ବିର୍ସା ମୁଣ୍ଡାଙ୍କ ୧୪୭ ତମ ଜନ୍ମ ବାର୍ଷିକୀ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ରାଜ୍ୟର ୭୫ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ତନ୍ମଧ୍ୟରୁ ବଡ଼ଗାଁ ବ୍ଲକ ପାମରା ଗ୍ରାମର ଗାୟକ ପଶ୍ଚିମ ରତ୍ନ ଫକିର ବାଡାଙ୍କ ସମେତ ଲହୁଣୀପଡାର ରୁଦ୍ରଚରଣ ମାଝୀ, ଭୁବନାନନ୍ଦ କିସାନ, ଅଦ୍ଭା ଓରାମ, କେନାଭଟାର ସ୍ନେହମୟୀ କିସାନ, ଗୁରୁଣ୍ଡିଆର ଯଗଦିଶ ଓରାମ, ଟାଙ୍ଗରପାଲିର ରାଜିନ ଏକା, ସଦର ବ୍ଲକର ରଞ୍ଜିତ ମାଝୀ, କୁଆଁରମୁଣ୍ଡାର ହାଲବିନୁସ ଏକା, ଲାଠିକଟାର ପରନା ଟପ୍ପୋ, ସୁନ୍ଦରଗଡ଼ର ପିୟୁଶ ମୁଣ୍ଡାଙ୍କୁ ଜନଜାତି ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଏହି ବ୍ୟକ୍ତିମାନଙ୍କୁ ଅତିଥିମାନେ ଅଙ୍ଗ ବସ୍ତ୍ର, ମାନପତ୍ର ଓ ଦଶ ହଜାର ଟଙ୍କା ଲେଖାଏଁ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିବାସୀ ଜନଜାତି, ଉପଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାର୍କା ମୁଖ୍ୟ ଅତିଥି, ଡକ୍ଟର ଅଖିଳ ବିହାରୀ ହୋତା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସୁନୀତା ଦାସ, ଉଦୟନାଥ ମାଝୀ, ଶ୍ରୀକାନ୍ତ ତରାଇ, କଳ୍ପନା ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୃତିଶୁଧ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଗାୟକ ଭାଷାରତ୍ନ ଖଗେଶ୍ୱର ମାର୍ଥା, ଉପଦେଷ୍ଟା ଡକ୍ଟର ବୈରାଗୀ ଚରଣ ପଟ୍ଟନାୟକ, ଡକ୍ଟର ଲକ୍ଷ୍ମଣ କିଷାନ ପ୍ରମୁଖ ବ୍ୟକ୍ତିମାନେ ଆଦିବାସୀ କଲ୍ୟାଣ ବିଭାଗର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

# ବିଜେଡି କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ


ବିଜେଡିର କର୍ମୀ ସମ୍ମିଳନୀରେ ସାମିଲ ହୋଇଥିବା ନେତା।

ବଡ଼ଗାଁ, ୧୭।୧୧(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ବୁଧବାର ବିଜେଡ଼ିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡକ୍ଟର ପ୍ରଫୁଲ୍ଲ କୁମାର ମାଝୀ, ସବ୍‌ଡେଗାର ଦଳୀୟ ନେତା ଶିଶିର ସାହୁ, ମନୋଜ ପଟେଲ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମପ୍ରସାଦ ପୁରୋହିତ, ପିତାମ୍ବର ଦେଓ, ଏମ୍‌ଡି ଜମିଲ, ଫୁଲବାରି ସମିତି ମେମ୍ବର ସଂଯୁକ୍ତ ମାଝି, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ଫୁଲବାରୀ ସରପଞ୍ଚ ଯୋଗିନ୍ଦ୍ର କିଷାନ, ଟିକିଲିପଡା ସରପଞ୍ଚ ଧନେଶ୍ୱର କିଷାନ ପ୍ରମୁଖ ଦଳୀୟ ନେତା ଓ କେତେକ ଜନ ପ୍ରତିନିଧି ଯୋଗଦେଇଥିଲେ। ନେତାମାନେ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ମଞ୍ଚାସୀନ ଅଧିକାଂଶ ନେତା ଜିଲାର କେତେକ ଦଳୀୟ ପଦାଧିକାରୀଙ୍କ ପ୍ରତି ଅସନ୍ତୋଷ ପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ,ଭଣ୍ଡାରପଡା ଓ ନୂଆରମାଲ ଗ୍ରାମର ୨୫ଜଣ ବିଜେଡ଼ିରେ ସାମିଲ ହୋଇଥିଲେ। ନବାଗତଙ୍କୁ ବରିଷ୍ଠ ନେତା ଡକ୍ଟର ମାଝି ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ।

## ପ୍ରତୀକ୍ଷା ସିନେମାର କଳାକାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବଡ଼ଗାଁ, ୧୭।୧୧(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ବୁଧବାର ସିନେମା ଜଗତରେ ଚହଳ ସୃଷ୍ଟି କରିଥିବା ପ୍ରତୀକ୍ଷା ସିନେମାର ହିରୋ ଓ କଳାକାରଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଛି। ସନ୍ଧ୍ୟାରେ ସିନେମାର ହିରୋ ଦିପାନିତ ଓ ସିନେମାର ମ୍ୟୁଜିକ କମ୍ପୋଜର ଓ କଣ୍ଠଶିଳ୍ପୀ ଆଶିଷ ପ୍ରଧାନ ପହଞ୍ଚିବାପରେ ମହିଳାମାନେ ପାରମ୍ପରିକ ନୃତ୍ୟ କରି ଦୁର୍ଗା ମଣ୍ଡପକୁ ପାଛୋଟି ନେଇଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଆଇଟିଆଇ ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ବିଡ଼ିଓ କ୍ଷମାନିଧି ଭୋଇ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବଡ଼ଗାଁ ସମିତି ମେମ୍ବର ସାରିକା କେରକେଟା, ସମାଜସେବୀ ପରମାନନ୍ଦ ପାଣିଗ୍ରାହୀ ଅଞ୍ଚଳର ବରିଷ୍ଠ କଳାକାର ରାମକୃଷ୍ଣ ସାହୁ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ଅତିଥିମାନେ ସିନେମାର କାହାଣୀ ଶୁଣି ପ୍ରଶଂସା କରିଥିଲେ। ଅଞ୍ଚଳର ବରିଷ୍ଠ କଳାକାର ଅଶୋକ ରାଜ, ରାମକୃଷ୍ଣ ସାହୁଙ୍କ ସହିତ ମହମ୍ମଦ ହାଫିଜ, ସତ୍ୟ ନାରାୟନ ନାୟକ ପ୍ରମୁଖ ବ୍ୟକ୍ତିମାନେ ସିନେମାର ହିରୋ ଦିପାନିତ ଓ ସଙ୍ଗୀତ ସଂଯୋଜକ, ଗାୟକ ଆଶିଷ ପ୍ରଧାନଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସିନେମାର ହିରୋ ଦିପାନିତ ସିନେମାର କାହାଣୀ ଉପରେ କହିଥିବାବେଳେ ଆଶିଷ ସିନେମାର ଗୋଟିଏ ଗୀତ ତାଙ୍କ ସୁମଧୁର କଣ୍ଠରେ ଗାଇ ଦର୍ଶକଙ୍କ ମନ ମୋହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ସିନେମା ୱାଶିଂଟନ ଡିସିର ଡିସି ସାଉଥ ଏସିଆନ ଫିଲ୍ମ ଫେଷ୍ଟିଭାଲରେ ବେଷ୍ଟ ଷ୍ଟୋରି ଭାବେ ପୁରସ୍କୃତ ହୋଇଛି। ଏହା ସହିତ ସିନେମାଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଗୋଆରେ ପ୍ରଦର୍ଶିତ ପାଇଁ ମନୋନିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ,ସିନେମାର କଣ୍ଠ ଶିଳ୍ପୀ ଆଶିଷ ପ୍ରଧାନ ବଡ଼ଗାଁ ମାଟିର ବରିଷ୍ଠ ନେତା ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ ନାତି ଓ ଇଂ ଅଜେକ ପ୍ରଧାନଙ୍କ ସୁପୁତ୍ର।


ପ୍ରତୀକ୍ଷା ସିନେମାର ହିରୋ ଓ କଳାକାରଙ୍କୁ ସମ୍ବର୍ଦ୍ଧନା।

## ଖପୁରିକଛାର ଗ୍ରାମରେ ବିସ୍ଥାପିତଙ୍କୁ ଥଇଥାନ ନେଇ ଜନଶୁଣାଣି

ହେମଗିର,୧୭।୧୧(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଖପୁରିକଛାର ଗ୍ରାମ ଏନଟିପିସି କୋଇଲା ଖଣି ପାଇଁ ଜମି ଅଧିଗ୍ରହଣ ହୋଇଥିବା ବେଳେ ବିସ୍ଥାପିତ ଗ୍ରାମବାସୀଙ୍କ ଥଇଥାନ ସମ୍ପର୍କରେ ପ୍ରଶାସନ ପକ୍ଷରୁ ବୁଧବାର ଜନଶୁଣାଣି ହୋଇଥିଲା। ଶିବିରରେ ଖପୁରିକଛାର ଗ୍ରାମବାସୀଙ୍କ ଥଇଥାନ ଓ ପୁନର୍ବାସକୁ ନେଇ ସାନଘୁମୁଡା ସରପଞ୍ଚ ରେବତୀ ଛତ୍ରିଆଙ୍କ ସଭାପତିତ୍ୱରେ ଏହି ଜନଶୁଣାଣି ସଭା ଅନୁଷ୍ଠିତ ହୋଇଥିଲା। ଖପୁରିକଛାରର ଗ୍ରାମର ୩୬ଟି ପରିବାର କଲାମେଘାଠାରେ ନିର୍ମାଣାଧୀନ ହୋଇଥିବା କଲୋନୀରେ ରହୁଛନ୍ତି। ଅନ୍ୟ ପରିବାର ଲୋକେ ଗାଁରେ ରହୁଥିବାବେଳେ ସେମାନଙ୍କ ଥଇଥାନ ପାଇଁ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଅନେକ ଲୋକ ନିଜ ମତ ରଖିଥିବାବେଳେ ଅନେକ ଲୋକ କଲାମେଘା କଲୋନୀରେ ରହିବାକୁ ଇଚ୍ଛା ପ୍ରକାଶ କରିଥିବା ଓ ଆଉ କିଛି ପରିବାର ଏହାକୁ ନାପସନ୍ଦ କରିବା ସହିତ ଅନ୍ୟତ୍ର ଜାଗା ପ୍ରଦାନ କରାଯାଇ ଘର ନିର୍ମାଣ କରିବା ପାଇଁ କହିଥିଲେ। ସଭାରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ହେମଗିର ବିଡ଼ିଓ ଡ. ଜଗଦିଶ ମହାନନ୍ଦ, ହେମଗିର ତହସିଲଦାର ଭିକ୍ଟୋରିଆ ଏକ୍କା, ହେମଗିର ଆଇଆଇସି ରମାକାନ୍ତ ସାଏଙ୍କ ସହିତ ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପର ଅଧିକାରୀ ଉପସ୍ଥିତ ଥିଲେ।

## ଡିସେମ୍ବର ୨୩ରୁ ବାମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟ



ପ୍ରସ୍ତୁତି ବୈଠକରେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

ଦେବଗଡ଼, ୧୭।୧୧(ଡି.ଏନ୍.ଏ.) ରାଜ୍ୟର ଅନ୍ୟତମ ସମ୍ମାନଜନକ କ୍ରିକେଟ ଟୁର୍ନାମେଣ୍ଟ ବାମଣ୍ଡା କପ ଆସନ୍ତା ଡିସେମ୍ବର ୨୩ ରୁ ଆରମ୍ଭ ହେବ। ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। କ୍ଲବର ବରିଷ୍ଠ ସଦସ୍ୟ ନବୀନ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୩୨ତମ ବାମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ପାଦକ ସୁଜିତ କୁମାର ପ୍ରଧାନ, ଉପସଭାପତି ଅଶୋକ ନନ୍ଦ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। କୋଷାଧ୍ୟକ୍ଷ ମୋତିଲାଲ ଶର୍ମା ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଚଳିତବର୍ଷ ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାର ୧୦ଟି ଦଳ ଅଂଶଗ୍ରହଣ କରିବେ। ବୈଠକରେ ଅନ୍ୟତମ ଉପସଭାପତି ସତ୍ୟନାରାୟଣ ପାଣି, ସହସମ୍ପାଦକ ସୁଶୀଳ ନାଏକ, ବିଦ୍ୟାଧର ମହାପାତ୍ର, ପ୍ରଦ୍ୟୁମ୍ନ ଭୁକ୍ତା, ସୁବ୍ରତ ସାହୁ, ସହ କୋଷାଧ୍ୟକ୍ଷ ଅଶୋକ ଅଗ୍ରୱାଲ ଓ କ୍ଲବର ସଦସ୍ୟମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ୧୯୯୦ ମସିହାରୁ ବାମଣ୍ଡା କପ କ୍ରିକେଟ ଅନୁଷ୍ଠିତ ହୋଇଆସୁଛି।

## କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସମବାୟ ସପ୍ତାହ

ସୁନ୍ଦରଗଡ,୧୭।୧୧(ଡି.ଏନ.ଏ.) ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ୬୯ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି।ଏହି ଉପଲକ୍ଷେ ସୁନ୍ଦରଗଡ ସ୍ଥିତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ୟାଙ୍କର ନବ ନିର୍ବାଚିତ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉପସ୍ଥିତ ରହି ସମବାୟ ପତାକାର ଉତ୍ତୋଳନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ନବ ନିର୍ବାଚିତ ଡାଇରେକ୍ଟର ପଞ୍ଚା ବିର୍ଲା, ସୁଧୀର ରଞ୍ଜନ ପଟେଲ, କାମିନୀ ମହାପାତ୍ର, ଅମ୍ରିତ ଲାକ୍ରା, ଜଟିଆ ମୁଣ୍ଡା, ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ବିମଳ କୁମାର ବୋଷଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀ, କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ। ଉଦଘାଟନୀ ଉତ୍ସବରେ ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି ତ୍ରିପାଠୀ ବ୍ୟାଙ୍କର ଅଗଣିତ ଜମାକାରୀ, ଚାଷୀଙ୍କ ପରିବାରର ଉନ୍ନତି ନିମନ୍ତେ କାର୍ଯ୍ୟ କରି ବ୍ୟାଙ୍କ ସୁନାମକୁ ବଜାୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

## ଜାମକାନି ଖଣି ବିସ୍ଥାପିତଙ୍କ ଦାବି ନେଇ ରାଜ୍ୟପାଳଙ୍କୁ ଭେଟିଲେ ଜୁଏଲ


ରାଜ୍ୟପାଳଙ୍କ ସହ ସାଂସଦ ଜୁଏଲ ଓରାମ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼,୧୭।୧୧(ଡି.ଏନ.ଏ. ) ନୂତନ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ, ନିଯୁକ୍ତି ଦାବି ନେଇ ୧୩ଦିନ ଧରି ଆନ୍ଦୋଳନ ଚଳାଇଥିବା ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଜାମକାନି ଖଣି ବିସ୍ଥାପିତଙ୍କ ଦାବିନେଇ ଗୁରୁବାର ରାଜଭବନ ଯାଇ ରାଜ୍ୟପାଳ ପ୍ରଫେସର ଗଣେଷୀଲାଲଙ୍କୁ ଭେଟିଛନ୍ତି ସାଂସଦ ଜୁଏଲ ଓରାମ। ଓରାମ ହେମଗିରବାସୀଙ୍କ ସମୂହ ସ୍ୱାର୍ଥକୁ ପ୍ରଶାସନ ଓ ସରକାର ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ କରି ଜାମକାନି କୋଇଲା ଖଣି ବିସ୍ଥାପିତ ଜାମକାନି, ମେଣ୍ଡା, ଗିରିସୀମା ଓ ଝାରପଲମ ଗ୍ରାମବାସୀଙ୍କ ଦାବି ନେଇ ଏକପତ୍ର ପ୍ରଦାନ କରିଛନ୍ତି। ପତ୍ରରେ ଉଲ୍ଲେଖ କରିଛନ୍ତି ଯେ,ଏହି ବିସ୍ଥାପିତ ଗ୍ରାମବାସୀଙ୍କୁ ଉପଯୁକ୍ତ ପୁନର୍ବାସ ଓ ଥଇଥାନ ସୁବିଧା, କ୍ଷତିପୂରଣ ମିଳିପାରି ନାହିଁ। ଗ୍ରାମବାସୀଙ୍କ ଦାବିଅନୁସାରେ ନୂତନ ପୁନର୍ବାସ ଓ ଥଇଥାନ ନୀତି- ୨୦୧୩ ଅନୁଯାୟୀ କ୍ଷତିପୂରଣ, ଖଣି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଙ୍କ ପୁନଃ ସର୍ବେକ୍ଷଣ, ଆର୍‌ଏଣ୍ଡ କଲୋନୀର ଉପଯୁକ୍ତ ମରାମତି ଓ ସମ୍ପ୍ରସାରଣ, ରକ୍ଷାଣାବେକ୍ଷଣ ସହ ଜଙ୍ଗଲ ଜମିରେ ଦୀର୍ଘବର୍ଷ ଧରି ବସବାସ କରିଆସୁବା ପରିବାରଙ୍କୁ ମଧ୍ୟ ଥଇଥାନ ଓ କ୍ଷତି ପୂରଣ ସକାଶେ ଜୁଏଲ ଦାବି କରିଛନ୍ତି। ଜୁଏଲ ବୁଧବାର ଧାରଣାରତ ବିସ୍ଥାପିତଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଏହି ଦାବି ନେଇ ରାଷ୍ଟ୍ରପତିଙ୍କୁ ମଧ୍ୟ ଦିଆଯାଇଥିବା ଦାବିପତ୍ର ନକଲ ପ୍ରଦାନ କରାଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

**ପେନ୍‌ସନ୍‌ଧାରୀଙ୍କ ପ୍ରାପ୍ୟ ବୃଦ୍ଧି ପାଇଁ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍‌ର ଦାବି**



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

ଦେବଗଡ଼,୧୭।୧୧(ଡି.ଏନ.ଏ) ଇପିଏଫ୍-୯୫ ପେନସନଧାରୀ ବରିଷ୍ଠ ନାଗରିକ ମାନଙ୍କର ପେନସନରେ ସଂଶୋଧନ କରିବା ସକାଶେ ଦେବଗଡ଼ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରଣ କରାଯାଇଛି। ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଦେବଗଡ଼ ଜିଲା ଶାଖାର ସଭାପତି ପ୍ରଫୁଲ୍ଲ କୁମାର ଦେବତା ଓ ସମ୍ପାଦକ ଗିରିଜାଶଙ୍କର ନାୟକଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟାସଦସ୍ୟ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏମର୍ମରେ ଏକ ସ୍ମାରକପତ୍ର ଦେବଗଡ ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ସଂଘର ଅଭିଯୋଗ ଅନୁଯାୟୀ ବର୍ତ୍ତମାନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଅହେତୁକ ଭାବେ ବୃଦ୍ଧିପାଇଥିଲେ ହେଁ ସେମାନଙ୍କୁ ମିଳୁଥିବା ମାସିକ ପେନସନ ମାତ୍ର ୪ଶହ ଟଙ୍କାରୁ ୪ ହଜାର ଟଙ୍କା ମଧ୍ୟରେ ସୀମିତ ରହିଛି । ଏହି ବର୍ଗରେ ଦେଶର ୭୦ ଲକ୍ଷ ପେନସନଧାରୀ ରହିଥିବା ବେଳେ ତନ୍ମଧ୍ୟରୁ ଓଡିଶାର ପେନଶନଧାରୀଙ୍କ ସଂଖ୍ୟା ୨ଲକ୍ଷରୁ ଅଧିକ। କେନ୍ଦ୍ର ସରକାର ଅବସରପ୍ରାପ୍ତ କେନ୍ଦ୍ରୀୟ କର୍ମଚାରୀଙ୍କ ମାସିକ ପେନସନ ଅନ୍ୟୁନ ୯ହଜାର ଟଙ୍କା ଧାର୍ଯ୍ୟ କରିବା ସହ ତା' ଉପରେ ମହଙ୍ଗା ଭତ୍ତା ମଧ୍ୟ ଲାଗୁ କରିଛନ୍ତି। ମାତ୍ର ଇପିଏଫ୍-୯୫ ବର୍ଗର ପେନସନଧାରୀମାନେ ସମାନ କାର୍ଯ୍ୟ କରିଥିଲେ ହେଁ ସେମାନଙ୍କୁ ମାସିକ ଏକହଜାର ଟଙ୍କାରୁ କମ ପେନସନ ପ୍ରଦାନ କରାଯାଉଥିବାରୁ ଏହା ଘୋର ଦୁଃଖ ଓ ପରିତାପର ବିଷୟ। ବର୍ତ୍ତମାନର ଦର ବୃଦ୍ଧିକୁ ନଜରରେ ରଖି କେନ୍ଦ୍ରୀୟ କର୍ମଚାରୀମାନଙ୍କ ଭଳି ଏହି ବର୍ଗର କର୍ମଚାରୀଙ୍କର ପେନଶନ ମଧ୍ୟ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ଏହା ବାଦ ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ଉକ୍ତ ସ୍ମାରକପତ୍ର ଜରିଆରେ ଦାବି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଂଘର କୋଷାଧ୍ୟକ୍ଷ ଧୃବଚରଣ ନାୟକ, ସଦସ୍ୟ ଶୋଭା ସିଂ, ସତ୍ୟ ବେହେରା, ଶିବ ନାୟକ ଓ ଗଙ୍ଗା ନାୟକଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

## ସୁଲଭ ଉପବିକ୍ରୟ କେନ୍ଦ୍ର ଶୁଭାରମ୍ଭ

ଜମନକିରା (ଡି.ଏନ.ଏ.): ଜମନକିରା ବ୍ଲକ ବଡରମା ସରପଞ୍ଚ ବିଜୟ କୁମାର ନାଏକ ଗୁରୁବାର ଚିନିମହୁଲ ଗ୍ରାମରେ ନୂତନ ଉପ ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହି ପଞ୍ଚାୟତରେ ୧୭ ଗ୍ରାମ ରହିଥିବାବେଳେ ଅନେକ ଗ୍ରାମ ବଣପାହାଡ଼ ଘେରା ଅଞ୍ଚଳରେ ଅବସ୍ଥିତ। ତେଣୁ ଲୋକେ ଚାଉଳ, କିରାସିନ, ଗହମ ଆଦି ସାମଗ୍ରୀ ନେବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ନୂତନ ଉପ ବିକ୍ରୟ କେନ୍ଦ୍ର ଶୁଭାରମ୍ଭ ହେବାରୁ ଚିନିମହୁଲ ସମେତ ଆଖପାଖ ଲଦୋପଡ଼ା, ବନ୍ଧାଭୂଇଁ, ଅମୱଲାଙ୍ଗ, ଷଣ୍ଢପଥର ଆଦି ଗ୍ରାମ ଉପକୃତ ହେବେ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ, ଶିକ୍ଷା ସମସ୍ୟାକୁ ଗୁରୁତ୍ୱ ଦିଆଯାଉ

**ସମ୍ବଲପୁର,୧୭।୧୧(ବ୍ୟୁରୋ):** ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ର ଗଠନରେ ଗଣମାଧମର ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଅନ୍ୟ ଦେଶ ତୁଳନାରେ ଭାରତ ବିକଶିତ ହୋଇନାହିଁ। ତେଣୁ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗରୁତ୍ୱ ଦେଇ ସରକାର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଉଚିତ ଶିକ୍ଷା ନ ମିଳିବା ଫଳରେ ବେରୋଜଗାରି ସୃଷ୍ଟି ହେବା ସହ ଆର୍ଥିକ ବୋଝ ପଡୁଛି। ଗଣମାଧମ ପ୍ରତିନିଧି ମଧ ଏହି ସମସ୍ୟା ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ପ୍ରେସ କ୍ଲବ ସଭାପତି ତିବିକ୍ରମ ପ୍ରଧାନ ସଭାପତିତ୍ୱ କରିଥିଲେ। କ୍ଲବ ସମ୍ପାଦକ ଭବାନୀ ଶଙ୍କର ଭୋଇ ସୂଚନା ପ୍ରଦାନ କରିଥିଲେ।

### ଇପିଏଫ୍ ପେନ୍‌ସନର୍ସ ସଂଘର ବିକ୍ଷୋଭ

**ସମ୍ବଲପୁର,୧୭।୧୧(ବ୍ୟୁରୋ):** ନିଖିଳ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ସଂଘ ସମ୍ବଲପୁର ଜିଲା ଶାଖା ପକ୍ଷରୁ ବୁଧବାର ବିଭିନ୍ନ ଦାବି ନେଇ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଇପିଏଫ୍ ପେନ୍‌ସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ପେନ୍‌ସନ ପ୍ରଦାନ, ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ଦାବି କରିଥିଲେ। ସମ୍ବଲପୁର ଶାଖା ସଭାପତି ଟଙ୍କଧର ମାଝି, ବିନୟ ସୁନା, ଅଶୋକ ଧର, ଶଙ୍କର ପ୍ରସାଦ ପାଣ୍ଡେ, ଇନ୍ଦ୍ରମଣି ଦାସ, ଅଚ୍ୟୁତାନନ୍ଦ ଠେଲାଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲା।

### ଅଙ୍ଗନୱାଡି କର୍ମୀଙ୍କ ସିଡିପିଓଙ୍କୁ ଦାବିପତ୍ର

**କୁଚିଣ୍ଡା,୧୭।୧୧(ଡି.ଏନ.ଏ.):** ବିଭିନ୍ନ ଦାବି ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ କର୍ମକର୍ତ୍ତା ଗୁରୁବାର କୁଚିଣ୍ଡା ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରୀ ଘୋଷଣା, ସମାନ କାମକୁ ସମାନ ଦରମା, ଶ୍ରମ ସମ୍ମିଳନୀରେ ନିଷ୍ପତ୍ତି ଅନୁସାରେ ୨୬ ହଜାର ଭତ୍ତା, ପେନ୍‌ସନ, ସାମାଜିକ ସୁରକ୍ଷା, ମିନିଙ୍କୁ କର୍ମୀ ମାନ୍ୟତା, ଗାଆଁ କଲ୍ୟାଣ ସମିତିରୁ ବାଦ୍ ଦେବା, ପଶ୍ଚିମ ଓଡ଼ିଶା କର୍ମୀଙ୍କୁ ସ୍ୱତନ୍ତ୍ର ଭତ୍ତା ଆଦି ଦାବି ଉଲ୍ଲେଖ କରିଛନ୍ତି। ସଭାନେତ୍ରୀ ଦୁଶିଳା ଧୁରୁଆ, ସମ୍ପାଦିକା ଶୈରେନ୍ଦ୍ରୀ ମହାନନ୍ଦ, ଶୈରେନ୍ଦ୍ରୀ ନାୟକ, ମମତା ପ୍ରଧାନ, ଶାନ୍ତି ଲତା ପଟେଲ, ଦୁଲନା ମାଝି, ସୁମିତ୍ରା ପାତ୍ର, ଅଞ୍ଜଳି ଶର୍ମାଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ଆସି ଦାବିପତ୍ର ଦେଇଥିଲେ।

### ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଭା ଚୟନ ଶିବିର

**ସମ୍ବଲପୁର,୧୭।୧୧(ବ୍ୟୁରୋ):** ଜିଲା କ୍ରୀଡ଼ା ସଂଘ ପକ୍ଷରୁ ୧୭ବର୍ଷରୁ କମ ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଭା ଚୟନ ଶିବିର ବୁଧବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଆୟୋଜିତ ହୋଇଯାଇଛି। ଜିଲାର ବିଭିନ୍ନ ପଞ୍ଚାୟତରୁ ୯୫ଜଣ ଫୁଟ୍‌ବଲ ଖେଳାଳି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୫ଜଣଙ୍କୁ ଫାଇନାଲ ଚୟନ ଶିବିର ପାଇଁ ମନୋନୀତ କରାଯାଇଛି। ଜିଲା କ୍ରୀଡ଼ା ସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କାଉନସିଲ ସଭ୍ୟ ପଦ୍ମନାଭ ନାଏକ, ମନୋଜ ଭୋଇ, ଶେଖ ବର୍ଖାତୁଲ୍ଲା ଚୟନକର୍ତ୍ତା ଥିଲେ।

### ବିର୍ସା ମୁଣ୍ଡା ବିକାଶ ସଂଘ ପକ୍ଷରୁ ଜୟନ୍ତୀ

**ସମ୍ବଲପୁର,୧୭।୧୧(ବ୍ୟୁରୋ):** ବୀର ବିର୍ସା ମୁଣ୍ଡା ବିକାଶ ସଂଘ ପକ୍ଷରୁ ସମ୍ବଲପୁର ଦେହେରୀପାଲିଠାରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି। ମହିଳା ପୁରୁଷ, ଯୁବତୀ ଯୁବକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୋଭାଯାତ୍ରାରେ ସହର ପରିକ୍ରମା କରି ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ କ୍ଷୀରାଭିଷେକ କରାଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଆଦିବାସୀ ସମାଜ ସମ୍ପାଦକ ଗିରୀଧାରୀ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସଭାପତି ଧରଣୀଧର ମୁଣ୍ଡା, ସମ୍ପାଦକ ଛାଲ ମୁଣ୍ଡା, ମହାଦେବ ମୁଣ୍ଡା, ରାଜୁ ମୁଣ୍ଡା, ରତି ମୁଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡାକ୍ତରଙ୍କ ଅବହେଳାରୁ ମୃତ୍ୟୁ ଅଭିଯୋଗ

**ସମ୍ବଲପୁର,୧୭।୧୧(ବ୍ୟୁରୋ)**


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

- ଘରୋଇ ମେଡିକାଲରେ ରହିଛି ଡାକ୍ତରଙ୍କ କମିଶନ
- ଅଲଟ୍ରାସାଉଣ୍ଡ, ଅପରେଶନ ପାଇଁ ରେଫର କରୁଛନ୍ତି

ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ସରକାର ଜନନୀ ସୁରକ୍ଷା ଯୋଜନା କରିଛନ୍ତି। ହେଲେ ଯୋଜନାର କାର୍ଯ୍ୟକାରୀ ହେଉ ନ ଥିବାରୁ ନିରୀହ ଜୀବନ ଚାଲିଯାଉଛି। ଏଭଳି ଏକ ଘଟଣା ସମ୍ବଲପୁରରେ ଦେଖିବାକୁ ମିଳିଛି। ଜିଲା ସଦର ଡାକ୍ତରଖାନା (ଡିଏଚ୍‌ଏଚ୍)ରେ ଶିବାନୀ ପାଣିଗ୍ରାହୀ ନାମ୍ନୀ ମହିଳାଙ୍କ ପ୍ରସବ ପରେ ମୃତ୍ୟୁ ଘଟିଛି। ଦାୟିତ୍ୱରେ ଥିବା ଡାକ୍ତରଙ୍କ ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା ସାମାଜିକ ଅନୁଷ୍ଠାନ ଉତ୍ସର୍ଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ଖବରଦାତା ପ୍ରିୟରଞ୍ଜନ ସାହୁ, ଶିକ୍ଷାବିତ୍ ବିଜୟ ପ୍ରଧାନ, ସୁଧୀର ପୂଜାରୀ, ଉତ୍ସର୍ଗ ଅନୁଷ୍ଠାନର ଆବାହକ ପ୍ରଶାନ୍ତ ପାଢୀଯୋଶୀ ପ୍ରମୁଖ ଅଭିଯୋଗ କରିଥିଲେ, ଶିବାନୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ୧୦ଦିନ ବିଳମ୍ବରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତଦନ୍ତ ଆରମ୍ଭ କରିଛି। ହେଲେ ଡାକ୍ତରଙ୍କ ବିରୋଧରେ ଡାକ୍ତରମାନେ କିଭଳି ରିପୋର୍ଟ ପ୍ରସ୍ତୁତ କରିବେ। ଏହାଦ୍ୱାରା ତଦନ୍ତ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ବିଭାଗ (ଏନ୍‌ଆର୍‌ଏଚ୍‌ଏମ୍)ରେ କାର୍ଯ୍ୟରତ ଥିବା ଶିବାନୀ ନଭେମ୍ବର ୧୧ରେ ଡିଏଚ୍‌ଏଚ୍‌ରେ ପ୍ରସବ ହେବା ପାଇଁ ଆଡ୍‌ମିସନ ହୋଇଥିଲେ। ବିଭାଗର ଜଣେ ଡାକ୍ତର ଅପରେଶନ କରି ପ୍ରସବ କରାଇଥିଲେ। ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। କିଛିସମୟ ପର୍ଯ୍ୟନ୍ତ ଉଭୟେ ସୁସ୍ଥ ରହିଥିଲେ। ପରବର୍ତ୍ତୀ ସମୟରେ ଶିବାନୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଏହି ସମୟରେ ଅପରେଶନ କରିଥିବା ଡାକ୍ତର ଜିଲା ବାହାରକୁ ଚାଲିଯାଇଥିଲେ। ଡିଏଚ୍‌ଏଚ୍‌ରେ ଅନ୍ୟ ଚାରିଜଣ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୁତି ବିଭାଗ ଡାକ୍ତର ରହିଛନ୍ତି। ଏହା ସତ୍ତ୍ୱେ ଠେମରା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ବିଜୟ ଅଗ୍ରୱାଲଙ୍କୁ ଶିବାନୀଙ୍କ ଚିକିତ୍ସା ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେ ଚିକିତ୍ସା କରି ନ ପାରି ବୁର୍ଲା ସ୍ଥାନାନ୍ତର କରିଥିଲେ। ସେଠାରେ ଶିବାନୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଶିବାନୀଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ଡାକ୍ତରମାନେ ଅଧିକାଂଶ ସମୟ ଘରୋଇ ମେଡିକାଲ ଓ କ୍ଲିନିକ କରି ଚିକିତ୍ସା କରୁଛନ୍ତି। ଏପରି କି ଡିଏଚ୍‌ଏଚ୍‌ରେ ଅଲଟ୍ରାସାଉଣ୍ଡ ମେସିନ ଚାଲୁଥିବା ବେଳେ କେତେକ ନିର୍ଦ୍ଦିଷ୍ଟ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ଯିବାକୁ ପରାମର୍ଶ ଦେଉଛନ୍ତି। ଏଥିରେ ତାଙ୍କର ମୋଟା ଅଙ୍କର କମିଶନ ରହୁଛି। ଏହିସବୁ ଅଭିଯୋଗ ଉପରେ ଉଚ୍ଚସ୍ତରୀୟ ତଦନ୍ତ ସହ ବନ୍ଦ ପଡ଼ିଥିବା ମାତୃମଙ୍ଗଳ କେନ୍ଦ୍ର ପୁନଃରୁଦ୍ଧାର କରି କାର୍ଯ୍ୟକ୍ଷମ କରାଯାଉ। ଫଳରେ ମହିଳା ଓ ଶିଶୁଙ୍କୁ ସ୍ୱତନ୍ତ୍ର ଚିକିତ୍ସା ମିଳିପାରିବ ବୋଲି ଖବରଦାତା ସମ୍ମିଳନୀରେ କହିଥିଲେ। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ପଙ୍କଜ ପଟେଲ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ମିଳିବା ପରେ ବିହିତ ପଦକ୍ଷେପ ନିଆଯିବ।

# ଏମ୍‌ସିଏଲ୍‌ର ଜଙ୍ଗଲ ଜମି ଅଧିଗ୍ରହଣକୁ ବିରୋଧ

**ଝାରସୁଗୁଡ଼ା ଅଫିସ୍,୧୭।୧୧**

ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ବେଲପାହାଡ ଖୋଲାମୁହଁ କୋଇଲା ଖଣି ସମ୍ପ୍ରସାରଣ ପାଇଁ ଜମିର ଆବଶ୍ୟକତା ରହିଛି । ଏଥିପାଇଁ ଖଣି କର୍ତ୍ତୃପକ୍ଷ ଜିଲା ମଙ୍ଗଳ ଅଧିକାରୀଙ୍କ ପତ୍ର ସଂଖ୍ୟା ୨୧୦ ତାରିଖ ୧୨।୨।୨୦୨୨ ଅନୁଯାୟୀ ବେଲପାହାଡ ପୌର ପରିଷଦର ଯୋରାବଗା ୱାର୍ଡ ନଂ୧୬ର ୧୮୭ଏକର ୮୭୦ଡେସିମିଲ ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ଆବେଦନ କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବେଲପାହାଡ ପୌର ପରିଷଦ କର୍ତ୍ତୃପକ୍ଷ ଏହି ଗ୍ରାମରେ ଏକ ସଭା ଆୟୋଜନ ପାଇଁ ୱାର୍ଡସଭ୍ୟାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୱାର୍ଡସଭ୍ୟା ଗୀତାରାଣି ପାଣଙ୍କ ଅଧ୍ୟକ୍ଷତାରେ ଗ୍ରାମର ପରିଚୟ ଗୃହରେ ସଭା ହୋଇଥିଲା । ଏଥିରେ ଏମ୍‌ସିଏଲ୍‌ର ଅଧିକାରୀ ଡିଏସ୍ ରାଜପୁତ, ଆନନ୍ଦ ଦାସ, ପୌର ନିର୍ବାହୀ ଅଧିକାରୀ ବିକାଶ ଭୋଇ, ପୂର୍ବତନ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ପୂର୍ବତନ ୱାର୍ଡସଭ୍ୟ ଦୀଲିପ ଧୁରୁଆ, ବିଶେଶ୍ୱର ମୁଖୀ, ଭରତ କଣ୍ଟା, ରାମ ମାଝି ପ୍ରମୁଖ ଗ୍ରାମବାସୀ ଯୋଗଦେଇଥିଲେ । ଏହି ବୈଠକରେ ଏମ୍‌ସିଏଲ୍‌ର ଜଙ୍ଗଲ ଜମି ଅଧିଗହଣକୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନେ ଦର୍ଶାଇଥିଲେ ଏହି ଜଙ୍ଗଲ ଜମି ଉପରେ ଗ୍ରାମବାସୀ ନିର୍ଭରଶୀଳ । ଏହାକୁ ଏମ୍‌ସିଏଲ୍ ଅଧିଗ୍ରହଣ କଲେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ। କମ୍ପାନୀ ଯଦି ଅଧିଗ୍ରହଣ ପାଇଁ ଚାହୁଁଛି ତା'ହେଲେ ଜଙ୍ଗଲ ଜମି ସହିତ ସମ୍ପୂର୍ଣ୍ଣ ଗ୍ରାମକୁ ବିସ୍ଥାପିତ କରି ନେଇଯାଉ ବୋଲି ବୈଠକରେ ଦାବି କରିଥିଲେ।


ସଭାରେ ଯୋଗଦେଇଥିବା ଅଧିକାରୀ, ଜନପ୍ରତିନିଧି ଓ ଗ୍ରାମବାସୀ।

# ଗୃହ ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ



ଗ୍ରାମବାସୀ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୧୭।୧୧**

**ବିସ୍ଥାପିତ ଲୋକଙ୍କୁ ଥଇଥାନ ଯୋଜନା**

ଝାରସୁଗୁଡ଼ା ପୌର ପରିଷଦ ୟୁନିଟ୍ ୫ର ୨୧ନଂ ୱାର୍ଡ ବୁରୋମାଲ ଗ୍ରାମ ନିକଟରେ ବାହାର ଲୋକଙ୍କୁ ଥଇଥାନ କରିବା ପାଇଁ ପୌର କର୍ତ୍ତୃପକ୍ଷ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ଏହାକୁ ବିରୋଧ କରି ବୁରୋମାଲ ଗ୍ରାମବାସୀ ଗୁରୁବାର ଶୋଭାଯାତ୍ରାରେ ଆସି ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଆନ୍ଦୋଳନରେ ଆଇନଜୀବୀ ସୀୟାରାମ ଦାସ, ତିଳୋତ୍ତମା ପ୍ରଧାନ, ବିଦେଶିନୀ ପ୍ରଧାନ, ସଞ୍ଜୁକ୍ତା ପ୍ରଧାନ, ଦେବକୀ ପ୍ରଧାନ, କୁମାରୀ ପ୍ରଧାନ, ପଞ୍ଚମୀ ପ୍ରଧାନ, ଶାନ୍ତି ଅଢା, ଦୀପା ବେଶନ, ସଞ୍ଜୁ ବେଶନ, ଉର୍ବସୀ ଭଇଁସାଲ ପ୍ରମୁଖ ଶତାଧିକ ମହିଳା ସାମିଲ ହୋଇଥିଲେ। ଅନ୍ୟପଟେ ଗ୍ରାମର ମହିଳାପୁରୁଷ ଗୃହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଝାରସୁଗୁଡା ଟାଉନ ଥାନା ପୋଲିସ୍ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା।

ଦାବିପତ୍ରରେ ଉଲ୍ଲେଖ ରହିଛି, ଝାରସୁଗୁଡ଼ା ପୌରାଞ୍ଚଳରୁ ବିସ୍ଥାପିତ ହେବାକୁ ଥିବା କେତେକ ବସ୍ତିବାସିନ୍ଦାଙ୍କୁ ବୁରୋମାଲ ଗ୍ରାମ ନିକଟରେ ଥଇଥାନ କରିବାପାଇଁ ପୌର ପରିଷଦ ଯୋଜନା କରିଛି। ଏଥିପାଇଁ ଏବେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଜମି ଝାରସୁଗୁଡ଼ା ପୌର ପରିଷଦ ୟୁନିଟ୍ ୫ ଅନ୍ତର୍ଗତ ପ୍ଲଟ୍ ନଂ୫୭୨୬ ଓ ୪୪୩୨ରେ ରହିଥିବାବେଳେ ଏହା ଗ୍ରାମର ଗୋଚର ଜମି। ଏହି ଜମି ଚାଲିଗଲେ ଗ୍ରାମର ଗୃହପାଳିତ ପ୍ରାଣୀ କେଉଁଠାରେ ଚରିବେ ବୋଲି ଗ୍ରାମବାସୀ ପୌର ପରିଷଦକୁ ପ୍ରଶ୍ନ କରିଛନ୍ତି। ଏହାକୁ ଅନ୍ୟ କାହାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି, ଏହାକୁ ପୌରପରିଷଦ ଯଦି ଜୋର ଜବରଦସ୍ତ ନେବା ପାଇଁ ଚେଷ୍ଟା କରିବ ତା'ହେଲେ ଗ୍ରାମବାସୀ ଆଇନ ହାତକୁ ନେଇ ଆନ୍ଦୋଳନ ଜୋରଦାର କରିବେ । ଏଥିପାଇଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଜିଲା ପ୍ରଶାସନ ଓ ପୌର ପରିଷଦ କର୍ତ୍ତୃପକ୍ଷ ଦାୟୀ ରହିବେ।

## ଦେଶ ଗଠନରେ ଗଣମାଧମର ଭୂମିକା ଅପରିହାର୍ଯ୍ୟ

**ଝାରସୁଗୁଡା ଅଫିସ,୧୭।୧୧**

ଜିଲା ପ୍ରେସ କ୍ଲବ ତରଫରୁ ସହରର ଏକ ହୋଟେଲରେ ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଦେଶ ଗଠନରେ ଗଣମାଧମର ଭୂମିକା ଶୀର୍ଷକ ଆଲୋଚନାରେ ମୁଖ୍ୟଅତିଥି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି ଦେଶ ସାଧୀନତା ପୂର୍ବ ଓ ପର ସମୟରେ ଗଣମାଧମର ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ତାପସ ରାୟ ଚୌଧୁରୀ ଓ ସନ୍ଦୀପ ଅବସ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧମ ସଂସ୍ଥା ଓ ଏହାର ପ୍ରତିନିଧିମାନେ ସକରାତ୍ମକ ଦୃଷ୍ଟିକୋଣରେ ଖବର ପରିବେଷଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସଭାପତି ମହାନ୍ତି ଗଣମାଧମ ବିଭ୍ରାନ୍ତିକର ସମ୍ବାଦ ପରିବେଷଣ କରିବାରୁ ନିବୃତ୍ତ ରହିବା ଉଚିତ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଭୁବନ କିଶୋର ତିୱାରୀ ଓ ସମ୍ପାଦକ ରିତେଶ ଶର୍ମା ପ୍ରେସ ଦିବସ ପାଳନ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଖବରଦାତା ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଧକ୍କାରେ କାର୍ ଚୂରମାର୍

**ଝାରସୁଗୁଡ଼ା ଅଫିସ୍,୧୭।୧୧**

ଝାରସୁଗୁଡା–ସମ୍ବଲପୁର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସର ଖେରୁଆଲ ବ୍ରିଜ୍ ଉପରେ ଗୁରୁବାର ଏକ ହାଇୱା ଧକ୍କାରେ ଏକ କାର୍ ଚୂର୍‌ମାର୍ ହୋଇଯାଇଛି। କାର୍ ଚାଳକ ସମ୍ବଲପୁର ସାକ୍ଷୀପଡାର ସୌମ୍ୟରଞ୍ଜନ ପାତ୍ର ସାମାନ୍ୟ ଆହତ ହୋଇ ବର୍ତ୍ତି ଯାଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୌମ୍ୟଙ୍କ ଅଭିଯୋଗକ୍ରମେ ବଡମାଲ ପୋଲିସ ଏକ ମାମଲା (ନଂ୨୫୮/୨୨) ରୁଜୁକରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଓଡି୧୫କ୍ୱି ୫୯୨୭ ହାଇୱା ଓ ଓଡି୧୫ଏଲ୍–୬୪୦୦ନଂ. କାର୍‌କୁ ପୋଲିସ୍ ଜବତ କରିଛି । ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର୍ ହୋଇଯାଇଛନ୍ତି।

# ଆଇଆର୍‌ସିଟିସି ପକ୍ଷରୁ ଭ୍ରମଣକାରୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ଆଇଆର୍‌ସିଟିସି ପକ୍ଷରୁ ଭ୍ରମଣକାରୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ସ୍ୱଦେଶ ଦର୍ଶନ ଟୁରିଷ୍ଟ ଟ୍ରେନ୍ ଡିସେମ୍ବର ୩ରେ ଚଳାଇବାକୁ ସ୍ଥିର କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଆଇଆର୍‌ସିଟିସି ରିଜିଓନାଲ ମ୍ୟାନେଜର ଡ. କ୍ରାନ୍ତି ପି ସାବରକର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଟ୍ରେନ୍ ସମ୍ବଲପୁର ଷ୍ଟେଶନରୁ ଛାଡ଼ିବ। ଯାତ୍ରୀମାନଙ୍କ ପାଇଁ ଅନ୍‌ଲାଇନ ଓ ଅଫ୍‌ଲାଇନରେ ବୁକିଂ କରିବା ସୁବିଧା କରାଯାଇଛି। ରିହାତି ଦରରେ ଟ୍ରେନ୍ ଯାତ୍ରା ସହିତ ରହିବା, ଖାଇବା ଓ ବୁଲିବା ପାଇଁ ବ୍ୟବସ୍ଥା କରାଯାଇଛି। ରାମେଶ୍ୱରମ, ମଦୁରାଇ, କନ୍ୟାକୁମାରୀ, କାଞ୍ଚିପୁରମ, ମହାବଳିପୁରମ, ଶ୍ରୀସାଲେମ ପ୍ରଭୃତି ସ୍ଥାନ ଭ୍ରମଣ କରିପାରିବେ। ପ୍ରତି ଯାତ୍ରୀ ପିଛା ୧୮୬୮୫ଟଙ୍କା ବ୍ୟୟ ଅଟକଳ ରହିଛି। ୧୦ରାତି ଓ ୧୧ଦିନ ଯାତ୍ରା ସମୟ ରହିବ। ବିଦେଶ ଗସ୍ତ ପାଇଁ ମଧ ପ୍ୟାକେଜ ରହିଛି। ବ୍ୟାଙ୍କକ୍ ପାଇଁ ୫୪ହଜାର ଟଙ୍କା ପ୍ୟାକେଜ ରହିଛି। ଏଥିରେ ସାଇଟ୍‌ସିନ ବୁଲିବା ସହିତ ୫ରାତି ଓ ୬ଦିନ ପାଇଁ ସମସ୍ତ ସୁବିଧା ଦିଆଯିବ।

# କଲେଜରେ ଶିଶୁ ସୁରକ୍ଷା ସଚେତନତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଜମନକିରା,୧୭।୧୧(ଡି.ଏନ.ଏ.)**

ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ କୁଚିଣ୍ଡା ଚାଇଲ୍ଡ ଲାଇନ ପକ୍ଷରୁ ଚାଇଲ୍ଡ ଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ଦିବସରେ ଅଧକ୍ଷ ରମେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଶିଶୁ ସୁରକ୍ଷା ସମ୍ପର୍କରେ ସଚେତନତା ସଭା ହୋଇଥିଲା। ବିଡିଓ ଟୁନୁ ମେହେର ମୁଖ୍ୟ ଅତିଥି, ଚାଇଲ୍ଡ ଲାଇନ ଉପଦେଷ୍ଟା ତଥା ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଓ ଜିଲା ପରିଷଦ ସଦସ୍ୟା ସୁଜାତା ଖୁଣ୍ଟିଆ, ଏବିଇଓ ଦେବକୀ ନାୟକ, ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରେମଜିତ ଦାସ, ଡିଗ୍ରୀ କଲେଜ ଅଧକ୍ଷ ଅରୁଣ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ଓ ସମ୍ପୂର୍ଣ୍ଣ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କ୍ରୀଡ଼ା ବିଭାଗ ଅଧାପକ ରଞ୍ଜନ ମହାକୁଲ ସଂଯୋଜନା ଓ ଚାଇଲ୍ଡ ଲାଇନ ଟିମ୍ ମେମ୍ବର ଶ୍ୱେତାଙ୍ଗିନି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ସାମ୍ବାଦିକ ସଂଘ କର୍ମକର୍ତ୍ତା, ଡିଗ୍ରୀ ଓ ଜୁନିଅର କଲେଜର ଅଧାପକ ଅଧାପିକା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଓପିଟିସିଏଲ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନେଇ ବିଦ୍ୟୁତ୍ କଟକଣା

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ବୁର୍ଲା ଓପିଟିସିଏଲ୍‌ର ୧୩୨/୩୩ କେଭି ଗ୍ରୀଡ ସବଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଶୁକ୍ରବାର ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ମଧରେ ରାଉରକେଲାର ବାସନ୍ତି କଲୋନୀ, ଇଣ୍ଡଷ୍ଟ୍ରିଆଲ ଷ୍ଟେଟ, ଲାଠିକଟା, ଜଲଦା, ପାୱାର ହାଉସ, ସିଭିଲ ଟାଉନସିପ, ପାନପୋଷ, ବରଗଡ଼ର ମେଲଛାମୁଣ୍ଡା, ସୋହେଲା, ବିଜେପୁର, ଘେଷ, ବଲାଙ୍ଗୀର ଜିଲାର ଲାଠିକଟା, ବେହେରାପାଲି, କାଂଶବାହାଲ, ପାୱାର ହାଉସ, ଟେରୁପାଲି, ସାଲେଭଟା, ଲୋଇସିଂହା ଆଦି ଅଞ୍ଚଳ। ସେହିପରି ସୋନପୁର ଜିଲାର ସୋନପୁର ସହର, ରକ୍ଷା ଛକ, ସେଲିଡି, କଳାପଥର, ବିନିକା, ବିଶାଳପାଲି, ନୂଆପଡ଼ା ଜିଲାର ନୂଆପଡ଼ା, ଖରିଆର ରୋଡ, ସାରାବୋଙ୍ଗ, ବିସରା ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିବ। ସାମୟିକ ବ୍ୟାହତ ପାଇଁ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରି ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# କୁଚିଣ୍ଡା କଲେଜରେ ବିଶ୍ୱ ଦର୍ଶନ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**କୁଚିଣ୍ଡା,୧୭।୧୧(ଡି.ଏନ.ଏ.)**

କୁଚିଣ୍ଡା କଲେଜରେ ଗୁରୁବାର ବିଶ୍ୱ ଦର୍ଶନ ଦିବସ ପାଳିତ ହୋଇଯାଇଛି। ଦର୍ଶନ ବିଭାଗ ପ୍ରାଧାପିକା ସୁଚିତ୍ରା ମିଶ୍ର ସଭା ପରିଚାଳନା କରି ଦର୍ଶନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ଅଧକ୍ଷ ଶ୍ରୀକାନ୍ତ ପଟେଲ ମୁଖ୍ୟଅତିଥି, ପ୍ରାଧାପକ ଡ. ଅମିୟ କୁମାର ପାତ୍ର ମୁଖ୍ୟବକ୍ତା, ଅଧାପକ ଅଭିନ କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚ୍ୟ ଓ ପାଶ୍ଚାତ୍ୟ ପରମ୍ପରା ଉପରେ ଆଲୋଚନା କରିଥିଲେ। ଏହାସହ ସୁସ୍ଥ ସମାଜ ଗଠନ ପାଇଁ ଦର୍ଶନ ଶାସ୍ତ୍ରର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସ୍ନାତକ ଶେଷବର୍ଷ ଛାତ୍ରୀ ଦିୟା ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ, ଛାତ୍ରୀ ରେଣୁକା ଧୁରୁଆ ଉପନିଷଦ ଉପରେ ଏକ ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଅଧାପକ ରଣଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କୃଷକ ଭବନ ଜବରଦଖଲ ଅଭିଯୋଗ

**ସମ୍ବଲପୁର,୧୭।୧୧(ବ୍ୟୁରୋ)**


ଡଣ୍ଡେଇପାଲିରେ ଥିବା କୃଷକ ଭବନ ।

ସମ୍ବଲପୁର ମହାନଗର ନିଗମ ଦଣ୍ଡେଇପାଲି ଗ୍ରାମ ଛକ ରାସ୍ତା କଡ଼ରେ କୃଷକ ଭବନକୁ ସ୍ଥାନୀୟ ଜଣେ ଚାଷୀ ରାମ ସାଗର ସାହୁ ଜବରଦଖଲ କରିଥିବା ନେଇ ସ୍ଥାନୀୟ କେତେଜଣ ଯୁବକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗକ୍ରମେ, ପ୍ରାୟ ୨୦ବର୍ଷ ହେବ ଚାଷୀମାନଙ୍କ ପାଇଁ କୃଷକ ଭବନ ନିର୍ମାଣ କରାଯାଇଥିଲା। ଆଖପାଖ ଜମିରେ ନଡ଼ିଆ ଗଛ ଓ ବିଭିନ୍ନ ଫଳଫୁଲ ଗଛ ଲଗାଯାଇଛି। ଉକ୍ତ ଜମି ଓ ଘରକୁ ଜବରଦଖଲ କରାଯାଇଥିବାରୁ ଗ୍ରାମର ସାମୂହିକ କାର୍ଯ୍ୟ ପାଇଁ ବ୍ୟବହାରରେ ଆସିପାରୁନାହିଁ। କିଛିଦିନ ପୂର୍ବରୁ ବିଧାୟକ ନାଉରୀ ନାଏକ ଉକ୍ତ ସ୍ଥାନରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ହେଲେ ଜମି ଜବରଦଖଲ ଥିବାରୁ କାମ ହୋଇପାରୁନାହିଁ। ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। କଶୋର ମହାକୁଡ଼, ଚନ୍ଦନ ସାହାଣୀ, ବିଭୂତି ନାଏକ, ପୂର୍ଣ୍ଣଚନ୍ଦ୍ର ବୁଢ଼େକ, ରାହୁଲ ବେହେରା ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ଅନ୍ୟପଟେ। ଚାଷୀ ସାହୁ କହିଛନ୍ତି, କୃଷକ ଭବନ ସରକାରୀ ସମ୍ପତ୍ତି ଅଟେ। ଅସାମାଜିକ କାର୍ଯ୍ୟ ନ ହେବା ପାଇଁ ଏହାକୁ ବହୁବର୍ଷ ଧରି ରଖିଛି। ଫୁଲଫଳ ଗଛ ଲାଗି ସୌନ୍ଦର୍ଯ୍ୟକରଣ କରାଯାଇଛି। ସାମାଜିକ କାର୍ଯ୍ୟ ପାଇଁ ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ଉକ୍ତ ମଣ୍ଡପକୁ ଯାଇଥିବା ରାସ୍ତା ବିଧାୟକ ପାଣ୍ଠିରୁ କଂକ୍ରିଟକରଣ କରିବାକୁ ପରାମର୍ଶ ଦେଇଥିଲି। ଏହି କୃଷକ ଭବନରେ ସ୍ଥାନୀୟ ଲୋକଙ୍କ ପାଇଁ ସରକାରୀ କାର୍ଯ୍ୟ କରାଯାଉଛି। ଜିଲା ଶ୍ରମ ବିଭାଗର ଏକ ଟିମ୍ ଅସ୍ଥାୟୀ ଭାବେ ଅଫିସ କାର୍ଯ୍ୟ କରୁଛନ୍ତି। ଶ୍ରମ ବିଭାଗର ଏକ ଶାଖା ଖୋଲିବା ପାଇଁ ଜିଲାପାଳଙ୍କଠାରେ ଅନୁରୋଧ କରାଯାଇଛି। କାଲେ ସରକାରୀ ହାତକୁ କୃଷକ ଭବନ ଚାଲିଯିବ ସେଥିପାଇଁ କେତେଜଣ ବ୍ୟକ୍ତି ସହି ପାରୁନାହାନ୍ତି। ଏହାବ୍ୟତୀତ କେତେଜଣ ଅଭିଯୋଗକାରୀ ଶକ୍ତି ଓ ଜଳସେଚନ ବିଭାଗର ୧୩ଏକର ୯୫ଡେସିମିଲ ଜମି ଜବରଦଖଲ କରିଛନ୍ତି। ଏହାକୁ ନେଇ ସଦର ଥାନା ଓ ଜିଲାପାଳଙ୍କ ପାଖରେ ଆବଶ୍ୟକ କାଗଜପତ୍ର ସହ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଜମିକୁ ସୁରକ୍ଷା ଦେବାକୁ ଏହା ଏକ ରାଜନୈତିକ ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

**୧୩ ଏକର ଜମି ବଞ୍ଚାଇବାକୁ ଯୋଜନା**

## ସଂକ୍ଷେପରେ

### ଦେବୋତ୍ତର ବିଭାଗ ମନ୍ଦିର ପରିଚାଳନାର ନୂତନ କମିଟି

**ଉପଦେଷ୍ଟା କମିଟି ସଦସ୍ୟ ହେଲେ ମହେଶ ସାହୁ**



**ଭବାନୀପାଟଣା,୧୭।୧୧(ସ୍ୱ.ପ୍ର.):** ଦେବୋତ୍ତର ବିଭାଗ ରାଜ୍ୟ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ କଳାହାଣ୍ଡି ଜିଲାର ଦେବୋତ୍ତର ବିଭାଗ ଅଧୀନରେ ଥିବା ସମସ୍ତ ମନ୍ଦିର ରକ୍ଷଣାବେକ୍ଷଣ, ସୁପରିଚାଳନା ଓ ଉନ୍ନତିକରଣ ପାଇଁ ନୂତନ ଉପଦେଷ୍ଟା କମିଟି ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି କମିଟି ଆସନ୍ତା ୨ ବର୍ଷ ପାଇଁ ଚୟନ କରାଯାଇଛି। ଏହିକ୍ରମରେ ଜୁନାଗଡ ବ୍ଲକ ଓ ଏନ୍‌ଏସି ପାଇଁ ଉପଦେଷ୍ଟା କମିଟି ସଦସ୍ୟ ଭାବେ ଜୁନାଗଡ ପୂର୍ବତନ ନଗରପାଳ ତଥା ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ସହଯୋଗୀ ମହେଶ କୁମାର ସାହୁଙ୍କୁ ଚୟନ କରାଯାଇଛି। ଜୁନାଗଡ ବ୍ଲକ ଓ ଏନ୍‌ଏସିରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ସମସ୍ତ ମନ୍ଦିରର ଉନ୍ନତି କରଣ କରାଯିବ ବୋଲି ମହେଶ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ବିଶେଷ କରି ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରର ଉନ୍ନତି ପାଇଁ ସବୁବେଳେ ଏକ ସ୍ୱତନ୍ତ୍ର ପ୍ରୟାସ କରିବି ବୋଲି ସେ କହିଛନ୍ତି।

### ୟାର ଅନୁଷ୍ଠାନ ଦ୍ୱାରା ଦୁଗ୍ଧ ପ୍ରକଳ୍ପର ବାର୍ଷିକ ଉତ୍ସବ

**ନୂଆପଡ଼ା ଅଫିସ,୧୭।୧୧:** ନୂଆପଡା ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟାର ପଦମପୁର ଆନୁକୂଲ୍ୟରେ ଅପପୃଷ୍ଟି ନିରାକରଣ ତଥା ଅପପୃଷ୍ଟିର ସମୁଳ ନାଶ ପାଇଁ ଦୁଗ୍ଧ ନାମକ କାର୍ଯ୍ୟକ୍ରମ ହାତକୁ ଆପଣିଛି। କାର୍ଯ୍ୟକ୍ରମ ଆମେରିକାର ଯିବଦୟା ଫାଉଣ୍ଡେଶନ ସହାୟତା କରିଥିବା ବେଳେ ଗୁରୁବାର ଖଡିଆଳ ବ୍ଲକ କେନ୍ଦୁଗୁଡା ଗାଁରେ ଏହି କାର୍ଯ୍ୟକ୍ରମ ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତେ ଯୋଗଦେଇଥିଲେ। ଶିଶୁ ଓ ମା' ଉଭୟଙ୍କ ସାମଗ୍ରିକ ବିକାଶ ସହ ଶିକ୍ଷାର ଉନ୍ନତି ଆଣିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। ବିଶେଷ କରି ୭ ମାସରୁ ୬ ବର୍ଷର ଶିଶୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ ଗ୍ରାମର ପ୍ରତ୍ୟେକ ପରିବାରକୁ ୫୦ କିଗ୍ରା ଚାଉଳ, ସୋୟାବିନ ବଡି, ଶୀତବସ୍ତ୍ର ଓ ଦୁଇଟି ପୃଷ୍ଟି ପ୍ରଦାନକାରୀ ଫଳଗଛ ଅମୃତଭଣ୍ଡା ଏବଂ ସଜନା ଗଛ ପ୍ରଦାନ କରାଯାଇଛି। ର୍କାୟକ୍ରମରେ ଅନୁଷ୍ଠାନ ସଭାପତି ମହେନ୍ଦ୍ର ଯୋଶୀ ଅଧ୍ୟକ୍ଷତା କରିଥିବା ବେଳେ ଖଡିଆଳ ସିଡିପିଓ ମୀନା ଅଗ୍ରୱାଲ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଚନ୍ଦ୍ର ଷଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଜିଲା ସଂଯୋଜକ ଅରୁଣ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ ହରିଦାସ ପଟେଲ ଧନ୍ୟବାଦ ଦେଇଥିଲେ। ଖୁସିରାମ ଭୋଇ, ସଞ୍ଜୀବ ପଣ୍ଡା, କୁମାରୀ ଡୋଲେଶ୍ୱରୀ ବିଶି, ସୁମନ ନାଗ ପ୍ରମୁଖ ସହଯୋଗ କରିଥିଲେ।

# ବସୁଧା ଯୋଜନା ଫେଲ୍: ବାଲିଚୁଆଁ ଭରସା

**ନୂଆପଡ଼ା ଅଫିସ,୧୭।୧୧**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବସୁଧା ଯୋଜନା ଫେଲ୍ ମାରିଛି। ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ବିଭାଗ ବିଦ୍ୟୁତ୍ ସଂଯୋଗ କାଟି ଦେବାରୁ ଜଳ ଯୋଗାଣ ବନ୍ଦ ରହିଛି। ପାଇପ ପାଣି ନ ପାଇବାରୁ ଲୋକେ ନଦୀ, ନାଳ, ପୋଖରୀ, ବାଲିଚୁଆଁ ପାଣି ବ୍ୟାବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଠୁଟିବର ଦ୍ୱାରା ବସୁଧା ଯୋଜନାରେ ଗୋନିଆପଡାଠାରେ କୟା ନଦୀ କୂଳରେ ଏକ ପାତାଳ ବୋରୱେଲ କରି ୨୦୨୨ ଜାନୁୟାରୀଠାରୁ ଲୋହୋଣ୍ଡୋପାଲି, ଠୁଟିବର ଓ ଗୋନିଆପଡା ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଣ ହେଉଥିଲା। ଲୋହୋଣ୍ଡୋପାଲିରେ ୩୦, ଠୁଟିବରରେ ୫୦ ଓ ଗୋନିଆପଡାରେ ୩୦ଟି ଫ୍ରି ପଏଣ୍ଟରେ ଜଳ ଯୋଗାଣ ହେଉଥିଲା। ଘର ସଂଯୋଗ ହେବା ପୂର୍ବରୁ ଜଳ ଯୋଗାଣ ବନ୍ଦ ହୋଇଗଲା। ଘର ସଂଯୋଗ ପାଇଁ କାର୍ଯ୍ୟ ମଧ୍ୟ ଚାଲିଥିଲା। ଦୀର୍ଘ ୬ ମାସ ଜଳ ଯୋଗାଣ ପରେ ପଞ୍ଚାୟତ ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ଗତ ଜୁଲାଇରେ ବିଦ୍ୟୁତ୍ ସଂଯୋଗ କାଟି ଦେବାରୁ ଜଳ ଯୋଗାଣ ବନ୍ଦ ରହିଛି। ଜାନୁୟରୀଠାରୁ ବିଦ୍ୟୁତ ବିଲ ପୈଠ ନ କରିବାରୁ ଗତ ଅକ୍ଟୋବର ସୁଦ୍ଧା ୧,୯୫,୨୮୩ ଟଙ୍କା ବିଲ ହୋଇଛି। ହେଲେ ନୂଆଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହୋମସିଂ ରାଉତଙ୍କୁ ପଚାରିବାରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ ଆସିଛି। ଆମ ପଞ୍ଚାୟତରେ ଫଣ୍ଡ ନାହିଁ। ସେଥି ପାଇଁ ବିଲ ପୈଠ କରିପାରୁ ନାହୁଁ ବୋଲି କହିଥିଲେ। ଫଳରେ ୩ଟି ଗାଁର ଲୋକେ ଶିତ ଋତୁରେ ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ବିକଳ୍ପ ବ୍ୟାବସ୍ଥା କରା ନ ଗଲେ ଆଗକୁ ଗ୍ରୀଷ୍ମ ଋତୁ ଆସୁଛି। ସମସ୍ୟା ଦ୍ୱିଗୁଣିତ ହୋଇଯିବ। ଏହି ୩ ଗାଁର ଲୋକେ କୟା ନଦୀରେ ବାଲିଚୁଆଁ ପାଣି ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣାଙ୍କୁ ପଚାରିବାରୁ ଏହି ସବୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ବୋଲି କହିଥିଲେ।



ମହିଳାମାନେ ବାଲିଚୁଆଁରୁ ପାଣି ଆଣୁଛନ୍ତି।

**ନୂଆଗାଁ ପଞ୍ଚାୟତ**

- ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ଜଳ ଯୋଗାଣ ବନ୍ଦ

# ଖୋଲା ଆକାଶ ତଳେ ଧାରଣା

**ନୂଆପଡ଼ା ଅଫିସ,୧୭।୧୧**

ଦୀର୍ଘ ୬ ବର୍ଷ ଧରି ନ୍ୟାୟ ଅଧିକାର ପାଇଁ ଲଢେଇ କରୁଥିବା ଓ ସବୁଥିରେ ବିଫଳ ହେବା ପରେ ସଦର ବ୍ଲକ ସାରାବଙ୍ଗ ଗାଁର ମମତା ଦେବାଙ୍ଗନ ପରିବାର ସହ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ୩୫୩ କଡରେ ଟେଣ୍ଟ ମାରି ଧାରଣାରେ ବସିଥିଲେ। ଟେଣ୍ଟ ମାଲିକ ଆସି ଖୋଲି ନେବାରୁ ଖୋଲା ଆକାଶ ତଳେ ବସି ଧାରଣା ଦେଉଛନ୍ତି। ପ୍ରାପ୍ତ ସୂଚନାନୁସାରେ ସଦର ବ୍ଲକ ସାରାବଙ୍ଗ ଗାଁର ମମତା ଦେବାଙ୍ଗନଙ୍କ ସ୍ୱାମୀ ଗିରିଧାରି ଦେବାଙ୍ଗନ ଆବାସ ଯୋଜନାରେ ଘର ପାଇଥିଲେ। ନିଜ ନାମରେ ଥିବା ଘର ଡିହରେ କାର୍ଯ୍ୟ ଆରମ୍ଭ କରିଥିଲେ। ତତ୍କାଳିନ ସରପଞ୍ଚ ଉକ୍ତ ଜାଗାକୁ ତାଙ୍କର ନୁହେଁ ବୋଲି କହି କାମ ବନ୍ଦ କରାଇ ଘର ସମ୍ମୁଖରେ ଏକ କମ୍ୟୁନିଟି ହଲ ନିର୍ମାଣ କରିଛନ୍ତି। ସେହିଦିନଠାରୁ ମମତା ଖାତା ନଂ-୫୦୭/୩୦୪ ପ୍ଲଟ ନଂ-୧୧୩୩/୨୨୮୮ର ଏକ ପଟ୍ଟା ଧରି ଏହି କାର୍ଯ୍ୟାଳୟରୁ ସେହି କାର୍ଯ୍ୟାଳୟ ଘୁରି ବୁଲୁଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳିନାହିଁ। ବାଧ୍ୟହୋଇ ଗତ ୧୫ ତାରିଖଠାରୁ ମମତା ଦେବାଙ୍ଗନ ସ୍ୱାମୀ ଗିରିଧାରି ଦେବାଙ୍ଗନ ପୁଅ, ଝିଅ, ବୃଦ୍ଧା ଓ ଗ୍ରାମର ଜଣେ ସମ୍ପର୍କିୟଙ୍କୁ ସଙ୍ଗରେ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଛନ୍ତି। କିନ୍ତୁ ଗୁରୁବାର ଧାରଣାସ୍ଥଳରେ ଲଗାଯାଇଥିବା ଟେଣ୍ଟ ମାଲିକ ଉଠାଇ ନେବାରୁ ବର୍ତ୍ତମାନ ପରିବାର ଖୋଲା ଆକାଶ ତଳେ ଶୀତ କାକରରେ ଧାରଣାରେ ବସି ରହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୋଟିଏ ପରିବାର ୨ ଦିନ ହେବ ଧାରଣା ବସି ରହିଥିଲେ ମଧ ଜିଲା ପ୍ରଶାସନର ନିଘାନାହିଁ। ଏ ସମ୍ପର୍କରେ ମମତାଙ୍କ ସ୍ୱାମୀ ଗିରିଧାରୀଙ୍କ କହିବା ମୁତାବକ ମୁଁ ଖୋଲା ଆକାଶ ତଳେ ମୋ ଅଧିକାର ପାଇଁ ଲଢେଇ କରିବି ବୋଲି କହିଛନ୍ତି। ଏଥି ପ୍ରତି ଶ୍ରୀଘ୍ର ଦୃଷ୍ଟି ଦେବାକୁ ସାଧାରଣର ଦାବି ହେଉଛି।



ଖୋଲା ଆକାଶ ତଳେ ବସି ରହିଥିବା ପରିବାର ଧାରଣା ଜାରି ରହିଛି।

# ବିକାଶର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୧୭।୧୧(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ଓ୍ୱସଡମ ପାର୍କ ପରିସରରେ ୫ ଦିନ ଧରି ଚାଲିଥିବା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାର୍ଥିମାନଙ୍କ ସାମଗ୍ରିକ ବିକାଶ ପାଇଁ ଶାରୀରିକ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି ଶ୍ୟାମ, ଡି ରାମ କୁମାର, ପରିଚାଳନା ନିର୍ଦ୍ଦେଶକ ଡି ବିଜୟା, ଯୁକ୍ତ ତିନିର ବିଜ୍ଞାନ ଅଧକ୍ଷ ଆଦିତ୍ୟ ପଟ୍ଟନାୟକ, ବିଏସସି ନର୍ସିଂର ଅଧକ୍ଷ କେ ଜୟଶ୍ରୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷ ସୁଶ୍ରୀ ଆରତୀ ମିଶ୍ର ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ପଦକ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର, ମନୋଜ ବିଶ୍ୱାଳ, ସଚିନ ନାଏକ, ଆଶିଷ ପ୍ରଧାନ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।





ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଳ,୧୭।୧୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ପଞ୍ଚାୟତ ପଦ୍ମପୁର ଗ୍ରାମର ଜଣେ ଯୁବକ ବିଷ ପିଇ ଗୁରୁବାର ସକାଳେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ପଦ୍ମପୁର ଗ୍ରାମର ଉପେନ୍ଦ୍ର କୈବର୍ତ୍ତ (୩୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ପଦ୍ମପୁର ଗ୍ରାମର ଉପେନ୍ଦ୍ର କୌଣସି କଥାକୁ ନେଇ ବୁଧବାର ସନ୍ଧ୍ୟାରେ ବିଷ ପିଇ ଦେଇଥିଲେ। ଗୁରୁତର ହେବାରୁ ପରିବାର ଲୋକେ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଗୁରୁବାର ସକାଳ ୬ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପରିବାର ଲୋକେ ଖଡ଼ିଆଳ ପୋଲିସରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୨୬/୨୨) ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ ଅଧିକାରୀ ଏସଆଇ ଦୁର୍ଗା ପ୍ରସାଦ ସାହୁ ପ୍ରକାଶ କରିଛନ୍ତି।

### ବାଇକ୍ ଧକ୍କାରେ ଜଣେ ମୃତ

**ବୋଡେନ,୧୭।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ଥାନା ଫରସରା ଗ୍ରାମରେ ଅଜଣା ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରତାପ ବାଗ (୪୫)। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ପ୍ରତାପ ଗାଁ ପାଖ ନାଳ ପାଟୁ ଘରକୁ ଚାଲି ଚାଲି ଯାଉଥିଲେ। ନାଳରେ ଥିବା ପୋଲ ପାଖରେ ଏକ ବାଇକ୍ ପଛପଟୁ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ପ୍ରତାପଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଡେନ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଥିବା ଜଣାପଡିଛି।

# ଏନ୍‌ଏଚ୍‌ଆର୍‌ସିରେ ଫେରାଦ ହେଲା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ

**ଭବାନୀପାଟଣା,୧୭।୧୧(ସ୍ୱ.ପ୍ର.)**

**ଆଦିବାସୀ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମମିତା ମେହେର, କନକ ନିଆଲର ହତ୍ୟା ଘଟଣା ଅଭିଯୋଗ ପରେ ଏବେ ଚପ୍ରିଆ ପଞ୍ଚାୟତ ଟିଙ୍ଗିପଦର ଗାଁରେ ପ୍ରେମଶିଳା ମାଝିଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ସାରା ଜିଲାରେ ଚର୍ଚ୍ଚା ଓ ଆଲୋଚନାର ବିଷୟ ହୋଇଛି। ପୂର୍ବର ସବୁ ମାମଲା ଭଳି ଏହି ମାମଲାରେ ମଧ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରିବା ସହିତ ତଦନ୍ତରେ ଢିଲା କରୁଥିବା ଓ ଅପରାଧୀଙ୍କୁ ଖସିଯିବାର ସୁଯୋଗ ଦେଉଥିବା ଅଭିଯୋଗ ହେଉଛି। ଏପରିକି ଓ ଅଗ୍ରଣୀ ସାମାଜିକ ଓ ବୈଚାରିକ ସଙ୍ଗଠନ ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ଓ କଳାହାଣ୍ଡି ଜିଲା ଆଦିବାସୀ ମହାସଂଘ ହସ୍ତକ୍ଷେପ ପରେ କେଗାଁ ପୋଲିସ ମାମଲା ରୁଜୁ କରିଛି। କିନ୍ତୁ ତଦନ୍ତ ପ୍ରକ୍ରିୟା ସେତେ ଆଗେଇ ପାରିନାହିଁ। ଏହାକୁ ନେଇ ବିଭିନ୍ନ ବୁଦ୍ଧିଜୀବୀ ସଙ୍ଗଠନ ପ୍ରଶ୍ନ ଉଠାଇଥିବାବେଳେ ତୁରେଛ ଯୁବ ସାମାଜିକ କର୍ମୀ ତଥା ଅଲ ଓ ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ଗୋଲାମୁଣ୍ଡା ବ୍ଲକ ଯୁବ ସମ୍ପାଦକ ଲୋଚନ ମଙ୍ଗରାଜ ମୃତ ପ୍ରେମଶିଳା ମାଝିଙ୍କ ପରିବାରକୁ ନ୍ୟାୟ ଦାବି କରି ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ନିକଟରେ ମାମଲା ରୁଜୁ କରିଛନ୍ତି। ଏହାସହିତ ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିବା ସହିତ ପ୍ରେମଶିଳାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ସହିତ ଏହି ଆଦିବାସୀ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସେ ଅଭିଯୋଗ ଦାୟର କରିଥିବା ଜଣାପଡିଛି। ଅପରପକ୍ଷରେ, ପ୍ରେମଶିଳାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାକୁ ନେଇ ପୋଲିସ ଅବହେଳାକୁ ନିନ୍ଦା କରି ବିଭିନ୍ନ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାପଡିଛି।

# ଲିପ୍‌ସା ମହାରଣାଙ୍କୁ ଯୁବ ପ୍ରତିଭା ସମ୍ମାନ



ଗାୟିକା ଲିପ୍‌ସା ମହାରଣାଙ୍କୁ ସମ୍ମାନିତ କରାଯାଉଛି।

**ଭବାନୀପାଟଣା,୧୭।୧୧(ସ୍ୱ.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଂସାରୀପଡାଠାରେ ଗତ କିଛି ଦିନ ହେଲା ୨୩୯ତମ ଗୋକୁଳାଷ୍ଟମୀ ମହୋତ୍ସବ ଚାଲିଛି। ବୁଧବାର ସନ୍ଧ୍ୟାରେ ଆୟୋଜିତ କଂସ ଦରବାରରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା, ମହୋତ୍ସବର ସଭାପତି ପ୍ରସନ୍ନ କୁମାର ଦାସ, ସମ୍ପାଦକ ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ପରେ କଳାହାଣ୍ଡିର ପ୍ରସିଦ୍ଧ ଗାୟିକା ସୁଶ୍ରୀ ଲିପସା ମହାରଣାଙ୍କ ଗୀତରେ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ସେହିପରି ମାଟିର କଳା, ସଂସ୍କୃତି ସୁରକ୍ଷା, ସମୃଦ୍ଧି ଦୀଗରେ ଓଡିଶା ତଥା ଓଡିଶା ବାହାରେ କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଥିବା ପ୍ରସିଦ୍ଧ ଗାୟିକା ସୁଶ୍ରୀ ଲିପସା ମହାରଣାଙ୍କୁ କଂସ ମହାରାଜଙ୍କ ଦରବାରରେ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାକୁ ନେଇ କଳାହାଣ୍ଡି ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପୋଷ୍ୟ ସନ୍ତାନ ପାଳନ ସମ୍ପର୍କିତ ରଥ ଶୁଭାରମ୍ଭ



ଜିଲାପାଳ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି।

**ଭବାନୀପାଟଣା,୧୭।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାରେ ପୋଷ୍ୟ ସନ୍ତାନ ସଚେତନତା ରଥ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଶୁଭାରମ୍ଭ କରାଯାଇଛି। ଏହି ରଥ ଜିଲା ସାରା ବୁଲି ଲୋକମାନଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ସଚେତନତା ସୃଷ୍ଟି କରିବ। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ଅଧକ୍ଷ ରାଜେଶ ନାୟକ, ଜିଲା ଶିକ୍ଷା ଅଧିକାରୀ, ସୁଶାନ୍ତ ଚୋପଦାର, ଜିଲା ଶିଶୁ ସୁରକ୍ଷା ୟୁନିଟର ଅଣଆନୁଷ୍ଠାନିକ ସୁରକ୍ଷା ଅଧିକାରୀ, ରାଜଲକ୍ଷ୍ମୀ ଦାସ ଓ ବାଲ ଗୋପାଲ ସେବା ନିକେତନ ସମ୍ପାଦକ ହେମନ୍ତ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ବାଲ ଗୋପାଲ ସେବା ନିକେତନର ଅନ୍ତେବାସୀମାନେ ଘୁମୁରା ବାଦ୍ୟ ପରିବେଷଣ କରି ରଥକୁ ସ୍ୱାଗତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ସମସ୍ତ କର୍ମକର୍ତ୍ତା ଯଥା ଅଂଶୁମାନ ବାବୁ, ଶୁଭାଶିଷ ପାଣିଗ୍ରାହୀ, ପ୍ରତୀକ ପଟ୍ଟନାୟକ, ସୁଧାଂଶୁ ଶେଖର ମହାପାତ୍ର, ଅବିନାଶ ତ୍ରୀପାଠୀ, ମଣ୍ଟୁ ନାୟକ ଯୋଗଦେଇ କାର୍ଯ୍ୟ ସମ୍ପାଦନ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ବିଜେପୁର ବିଜୟୀ

**ଖଡ଼ିଆଳ,୧୭।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିଜେପୁର ଖେଳ ପଡିଆଠାରେ ୨୪ତମ ଖଗପତି ପାନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ପଞ୍ଚମ ଦିନରେ ଆୟୋଜକ ଶହୀଦ ଭଗତ ସିଂ କ୍ଲବ ବିଜେପୁର ପକ୍ଷରୁ ଆରମ୍ଭ ହୋଇଛି। ଗୁରୁବାର ପଞ୍ଚମ ଦିନରେ ବିଜେପୁର ଏବଂ ଖାସବାହାଲ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ବିଜେପୁର ଦଳ ବ୍ୟାଟିଂ କରି ୨୦ ଓଭରରେ ୧୮୯ ରନ ସଂଗ୍ରହ କରିଥିଲା। ଜବାବରେ ଖାସବାହାଲ ୧୪ ଓଭରରେ ୧୦୭ରନ କରି ପରାସ୍ତ ହୋଇଥିଲା। ବିଜେପୁର ଶରବେ ଶବର ୨୯ ବଲରେ ୫୪ ରନ ଓ ଦୁଇ ଉଇକେଟ ନେଇ ମ୍ୟାନ ଅଫ ଦ ମ୍ୟାଚ ପାଇଥିଲେ। ମୁଖ୍ୟଅତିଥି ଭାବେ ବିଜୟ କୁମାର ଶହୀଶ, ସମ୍ମାନିତ ଅତିଥି ଭାବେ ତୁକାରମ ହିଆଁଲ, ତୁଆଝର ସରପଞ୍ଚ ଜିତୁ କୁମ୍ଭାର, ଇନ୍ଦ୍ରମଣି ମାଝି, ଭାଗତ ସିଂ କ୍ଲବ ସଭାପତି ସୁରେନ୍ଦ୍ର କୁମାର ଉପସ୍ଥିତ ଥିଲେ। ହେମନ୍ତ ବେହେରା ଓ ରୋମାଞ୍ଚଳ ଭୋଇ ଖେଳ ପରିଚାଳନା କରିଥିବା ବେଳେ ଚକ୍ରଧର ଡାଙ୍ଗରାଜ ଖେଳର ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ନନ୍ଦୁ ଶବର ଧାରାବିବରଣି ଦେଇଥିଲେ। ଖେଳରେ ଉପସଭାପତି ଅର୍ଜୁନ ହରପାଲ, ସମ୍ପାଦକ ଚକ୍ରଧର ଜୟଦେବପଣ୍ଡା, ଅନିଲ ସିନ୍ଦୁର, ଡୋଳାମନୀ ପଣ୍ଡା, ଦେବାଚନ୍ଦ୍ର ଶବର, ନରସିଂହ ସୁନାନୀ, ବାସୁଦେବ ପାନ, ଜଗଦିଶ, ସଦାନନ୍ଦ ଶବର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

# ବାଲ୍ୟ ବିବାହ ନିରୋଧ ସମ୍ପର୍କିତ ଟାସ୍କ ଫୋର୍ସ ବୈଠକ

**ଭବାନୀପାଟଣା,୧୭।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ବାଲ୍ୟ ବିବାହ ନିରୋଧ ତଥା ବେଟି ବଚାଓ ବେଟି ପଢାଓ ସମ୍ପର୍କିତ ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବାଲ୍ୟ ବିବାହ ନିରୋଧ ଉପରରେ ବିଶେଷ ବାର୍ତ୍ତାର ପ୍ଲାକାର୍ଡ ଉଦ୍‌ଘାଟନ କରିଥିଲେ। ଜିଲାରେ ୧୮ ବର୍ଷରୁ କମ ଝିଅ ମାନଙ୍କ ବିବାହକୁ ରୋକିବା ତଥା ଜଣେ ଝିଅର ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଓ ଉନ୍ନତି ଉପରେ ଏହାର ପ୍ରଭାବକୁ ପ୍ରତିହତ କରିବା ପାଇଁ ଏହି ଅଭିଯାନର ସଫଳତା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ବ୍ଲକରେ ବର୍ତ୍ତମାନ ବାଲ୍ୟ ବିବାହର ସର୍ଭେ, ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଝିଅଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ ପଞ୍ଚାୟତରେ, ଅଙ୍ଗନୱାଡ଼ି ଓ ସାସ୍ଥ୍ୟ କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମ ଉପରେ ଜିଲାପାଳ କହିଥିଲେ। ସେହିପରି ବାଲ୍ୟ ବିବାହକୁ ରୋକିବା ନିମନ୍ତେ ଏକ ଟାସ୍କ ଫୋର୍ସ ଗଠନ କରାଯାଇଥିଲା। ଏଥିରେ ଏସପି, ସିଡିଏମଓ, ଡିଏସଡବ୍ଲ୍ୟୁଓ, ଡିଡବ୍ଲ୍ୟୁଓ, ସିଡିଓ, ଜିଲା ପରିଷଦ, ଡିଇଓ, ଡିଆଇପିଆର୍‌ଓ, ୟୁନିସେଫ କର୍ଡିନେଟର, ଡିପିସି, ମିସନଶକ୍ତି, ଡିପିଏମ, ଏନଏଚଏମ, ଡିଏଲଓ, ସିଡବ୍ଲ୍ୟୁସି, ଡିଏଲଏସଏ, ସ୍କିଲ ଓଡ଼ିଶାକୁ ବିଭିନ୍ନ ଦାୟିତ୍ୱ ଦିଆଗଲା। ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ସିଡିଏମଓ ଡ. ରଞ୍ଜନ ମିତ୍ର, ସିଡବ୍ଲ୍ୟୁସି ଅଧ୍ୟକ୍ଷ ରାକେଶ କୁମାର ନାୟକ, ଭାରପ୍ରାପ୍ତ ଡିସିପିଓ ପ୍ରମୋଦ ଖିଲୋ ଓ ଅନ୍ୟାନ୍ୟ ଟାସ୍କ ଫୋର୍ସ ଅଧିକାରୀ ଉପସ୍ଥିତ ଥିଲେ। ଅଂଶୁମାନ ବାବୁ ସଭା ପରିଚାଳନା କରିଥିଲେ।





ବାଲ୍ୟ ବିବାହ ନିରୋଧ ସମ୍ପର୍କିତ ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ।

## ବିନିକାରେ ଡାକ ସେବା ଠପ୍

ବିନିକା( ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଡାକ ସେବା ବୁଧବାର ଠାରୁ ଠପ୍ ହୋଇଯାଇଛି। ସବ୍ ପୋଷ୍ଟମାଷ୍ଟର ପୁରନ୍ଦର ଚୌହାନଙ୍କ କହିବା ଅନୁଯାୟୀ ବଲାଙ୍ଗୀର ସୋନପୁର ଠାରେ ବିଏସଏନଏଲ ଲାଇନ ଖରାପ ଥିବାରୁ ଲିଙ୍କ୍ ଆସୁନାହିଁ। ଫଳରେ ଆର୍ଥିକ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏଥିନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ବିହିତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

### ସଂକ୍ଷେପରେ

## ମତ୍ସ୍ୟ ସମ୍ପଦର ସୁରକ୍ଷା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

### ବୀରମହାରାଜପୁର ବ୍ଲକ

ଅମରପାଲି,୧୬।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲାର ମହାନଦୀରେ ମାଛ ମାରିବା ପାଇଁ ରାସାୟନିକ ତୈଳର ପ୍ରୟୋଗ ଓ ଡିନାମାଇଟ ବିସ୍ଫୋରଣ ଫଳରେ ଦିନକୁ ଦିନ ମତ୍ସ୍ୟ ସମ୍ପଦ ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ମହାନଦୀ ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନେ ଅଧିକ କ୍ଷତିରେ ପଡୁଛନ୍ତି। ଏହାର ପ୍ରତିବାଦରେ ବୁଧବାର ମହାନଦୀ ସୁରକ୍ଷା ଅଭିଯାନ ତରଫରୁ ବୀରମହାରାଜପୁରଠାରେ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଖମ୍ଭେଶ୍ୱରୀପାଲିର ଜଗନ୍ନାଥ ମନ୍ଦିର ପରିସରରୁ ବାହାରି କମଳପୁର, ଟାଙ୍ଗରସାହି, ସଦର ମହକୁମାର ଜଗନ୍ନାଥ ମନ୍ଦିର, ସ୍ଥାନୀୟ ମୁଖ୍ୟଛକ ଓ ତ୍ରିବେଣୀ ଛକ ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ଅବସରରେ ମତ୍ସ୍ୟଜୀବୀଙ୍କ ପକ୍ଷରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉଫୁଲା ପଞ୍ଚାୟତର ସରପଞ୍ଚ ଶ୍ରୀୟା କର୍ମୀ ନେତୃତ୍ୱ ନେଇଥିଲେ। ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଖମ୍ଭେଶ୍ୱରୀପାଲି, କମଳପୁର, ରଥପୁର ଆଦି ବିଭିନ୍ନ ଗ୍ରାମର ମତ୍ସ୍ୟଜୀବୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହାନଦୀରେ ବେଆଇନ ଭାବେ ରାସାୟନିକ ତୈଳର ପ୍ରୟୋଗ ଓ ଡିନାମାଇଟ ବିସ୍ଫୋରଣ ସମ୍ପୂର୍ଣ୍ଣ ନିଷେଧ କରାଯିବା ସକାଶେ ଦାବି କରାଯାଇଛି। ଘୁଣ୍ଡୁଗୋପାଳ ଝାଙ୍କର, ୱାର୍ଡ ସଭ୍ୟ ଦୈତାରୀ ବାଘ,ସ୍ୱେଚ୍ଛାସେବୀ ପ୍ରିୟବ୍ରତ ସାହୁ, ସାନ ଝାଙ୍କର, ସୁରୁବାବୁ ତରିଆ, ରାଧେଶ୍ୟାମ ମାଝୀ, ଦର୍ଶନୀୟା ତରିଆ, ବାଳକୃଷ୍ଣ ଝାଙ୍କର, ଗୋବିନ୍ଦ ତରିଆଙ୍କ ସମେତ ବହୁ ମତ୍ସ୍ୟଜୀବୀ ବିକ୍ଷୋଭ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।



ଆନ୍ଦୋଳନକାରୀଙ୍କ ସହ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରୋହିତ ପୂଜାରୀ ପ୍ରମୁଖ ଆଲୋଚନା କରୁଛନ୍ତି।

# ପାଇକମାଳର ଦୋକାନ ବଜାର ବନ୍ଦ

### ପାଇକମାଳକୁ ଏନଏସି, ପିଏଚସିକୁ ସିଏଚସି ମାନ୍ୟତା ଦାବି

ପାଇକମାଳ, ୧୭।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଏହି ସମୟରେ ବହୁ ପୁରୁଣା ଦାବିକୁ ସାମନାକୁ ଆଣୁଛନ୍ତି ଅଞ୍ଚଳବାସୀ। ଏସୁବୁକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବାକୁ ସେମାନେ ଦାବି କରୁଛନ୍ତି। ରାଜନୈତିକ ଦଳଗୁଡିକ ଦାବିପ୍ରତି ସମର୍ଥନ ଜଣାଇ ଅଞ୍ଚଳବାସୀଙ୍କ ସହ ସାମିଲ ହେଉଛନ୍ତି। ଏହିକ୍ରମରେ ବରଗଡ ଜିଲା ପାଇକମାଳ ପିଏଚସିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ମାନ୍ୟତା ଦାବି ଉଠିଛି। ଏଥିସହିତ ପାଇକମାଳ ପଞ୍ଚାୟତକୁ ଏନଏସିର ମାନ୍ୟତା ଦେବାକୁ ସ୍ୱର ଉଠିଛି। ଏହି ଦୁଇଦାବିକୁ ନେଇ ଗୁରୁବାର ପାଇକମାଳରେ ଦୋକାନ ବଜାର ବନ୍ଦ ରହିଥିଲା। ସ୍ଥାନୀୟ ଜାଗରଣ ଯୁବ ସଂଗଠନ ଆହ୍ୱାନରେ କରାଯାଇଥିବା ବନ୍ଦରେ ମୁଖ୍ୟଛକରେ ବହୁ ଲୋକେ ସାମିଲ ହୋଇଥିଲେ। ଧାରଣାସ୍ଥଳକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏନେଇ ଆଲୋଚନା କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ହେଲେ ଏଥିରେ ସେମାନେ ଏକମତ ହୋଇ ନ ଥିଲେ। ପରେ ବରଗଡ ଜଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ଧାରଣାରେ ବସିଥିବା ଯୁବକମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଉପରୋକ୍ତ ପ୍ରସ୍ତାବକୁ ନେଇ ରାତିରେ ପାଇକମାଳ ଧର୍ମଶାଳା ଠାରେ ପାଇକମାଳ ବ୍ୟବସାୟୀ ସଂଘ, ନାଗରିକ କମିଟି ସଦସ୍ୟମାନେ ଏକ ବୈଠକ କରିଛନ୍ତି। ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଶୁକ୍ରବାର ପାଇକମାଳର ଦୋକାନ ବଜାର ଖୋଲା ରହିବ ବୋଲି ପ୍ରସ୍ତାବ ନିଆ ଯାଇଛି।

## ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି, ୧୭।୧୧(ଡି.ଏନ.ଏ.)

ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀତ୍ୱ ଅର୍ଜନ କରିଥିବା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶୁଖା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଗୁରୁବାର ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଗତ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ସମାରୋହରେ ହୋଇଥିବା ସାଂସ୍କୃତିକ ପ୍ରତିଯୋଗିତାରେ ପଞ୍ଚମ ସ୍ଥାନ ଅଧିକାର କରିଥିବାରୁ ଏହି ବିଦ୍ୟାଳୟକୁ ପୁରସ୍କାର ସହ ପ୍ରମାଣପତ୍ର ଦିଆଯାଇଥିଲା। ଛାତ୍ରୀମାନେ ଗୁରୁବାର ଶୁଖା ଗ୍ରାମରେ ପହଞ୍ଚିବା ପରେ ସେମାନଙ୍କୁ ଗ୍ରାମବାସୀ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସ୍ୱାଗତ ଜଣାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟକୃଷ୍ଣ ପଧାନଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଶିକ୍ଷା ପରିଚାଳନା ସମିତିର ସଭାପତି ରାଧେଶ୍ୟାମ ମେହେର, ଶୁଖା ସରପଞ୍ଚଙ୍କ ପ୍ରତିନିଧି ସ୍ୱାଧୀନ ବିଶ୍ୱାଳ, ସମିତି ସଭ୍ୟ ମଦନସିଂ ବରିହା, ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ଠେଲା, ମୋ ସ୍କୁଲ ଅଭିଯାନର ସଭାପତି ବାଳମୁକୁନ୍ଦ ଭୋଇ ଯୋଗଦେଇ କୃତୀ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ଲୁଲୁ ପଧାନ, ନିମାଇଁ ଚରଣ ସାହୁ, ହୃଦାନନ୍ଦ ମେହେର, ଅନ୍ତ ନାଏକ, ଧୀରେନ୍ଦ୍ର ମଲ୍ଲିକ, କନ୍ଦରଲାଲ କୁମ୍ଭାର, ନବ ମେହେର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧିତ କରୁଛନ୍ତି।

## ଗଣମାଧ୍ୟମ ଦେଶର ଜାଗ୍ରତ ପ୍ରହରୀ

### ବୀରମହାରାଜପୁରରେ ଜାତୀୟ ପ୍ରେସ୍ ଦିବସ ପାଳିତ

ଅମରପାଲି,୧୬।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ଭବନଠାରେ ଜାତୀୟ ପ୍ରେସ ଦିବସ ବୁଧବାର ପାଳିତ ହୋଇଯାଇଛି। ଉପଖଣ୍ଡ ସାମ୍ବାଦିକ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧମ ଦେଶର ଜାଗ୍ରତ ପ୍ରହରୀ। ତେଣୁ ରାଷ୍ଟ୍ରର ହିତ ଉଦ୍ଦେଶ୍ୟରେ ଖବର ପରିବେଷଣ କରିବା ଉଚିତ୍ ବୋଲି ସେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ବାସୁଦେବ ପଣ୍ଡା, ଉପ ସଭାପତି ସୌମିତ୍ରୀ ମେହେର,କିଶୋର କୁମାର ହୋତା, ସୁଧୀର କୁମାର ବିଶ୍ୱାଳ, ସତ୍ୟବାନ ପୁରୋହିତ,ରବୀନ୍ଦ୍ର କୁମାର ହୋତା,ରାଧାକାନ୍ତ ବାଘ,ଶେଷଦେବ ବାରିକ, ସତ୍ୟବ୍ରତ ପଧାନ ପ୍ରମୁଖ ଉପସ୍ଥିତ ରହି ପ୍ରେସ ଦିବସରେ ଗଣମାଧମ ପ୍ରତିନିଧିମାନଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଯୁଗଳ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନବଜାତ ଶିଶୁର ବିପଦ ସଙ୍କେତକୁ ଅଣଦେଖା କରନାହିଁ



ସଚେତନତା ସଭାରେ ଅତିଥି ବୃନ୍ଦ।

### ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଜାତୀୟ ନବଜାତ ଶିଶୁ ସପ୍ତାହ ସଚେତନତା ସଭା

ସୋନପୁର,୧୭।୧୧(ନି.ପ୍ର.)

ନବଜାତ ଶିଶୁ ଯଦି ୧ ମିନିଟ ଭିତରେ ୬୦ ଥରରୁ ଅଧିକ ନିଶ୍ୱାସ ନେଉଛି, ବାତ ମାରୁଛି, ଜର ହେଉଛି, ନିଶ୍ୱାସ ପ୍ରଶ୍ୱାସ ନେବା ସମୟରେ ଛାତି ତଳ ଭାଗ ଭିତରକୁ ପଶିଯାଉଛି, ଶିଶୁ ମା' କ୍ଷୀର ଖାଇ ପାରୁନାହିଁ, ଦେହ ଥଣ୍ଡା ଲାଗୁଛି କିମ୍ବା ଶିଶୁ ନିସ୍ତେଜ ରହୁଛି ତେବେ ଏହା ବିପଦ ସଙ୍କେତ ହୋଇପାରେ। ଏହି ବିପଦ ସଙ୍କେତକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଉଚିତ ବୋଲି ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ପୁଷ୍ଟି ପୁର୍ନବାସ କେନ୍ଦ୍ରରେ ଅନୁଷ୍ଠିତ ସଚେତନତା ସଭାରେ ଅଧ୍ୟକ୍ଷତା କରି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଡାକ୍ତରଖାନା ଅଧୀକ୍ଷକ ଡା. ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲା ଯକ୍ଷ୍ମା ଅଧିକାରୀ ଡା. ପଦ୍ମହଂସା ଦୋରା, ଅତିରିକ୍ତ ଜିଲା ରୋଗ ନିୟନ୍ତ୍ରଣ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଶିଶୁରୋଗ ବିଶେଷଜ୍ଞ ଡା. ନନ୍ଦ କିଶୋର ନାଏକ ପ୍ରମୁଖ ମଞ୍ଚାସୀନ ରହି ନବଜାତ ଶିଶୁର ଯତ୍ନ ଉପରେ ବିଶେଷ ଆଲୋଚନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ। ପୁଷ୍ଟି ପୁର୍ନବାସ କେନ୍ଦ୍ରର ପରାମର୍ଶ ଦାତ୍ରୀ ଦୀପ୍ତିମୟୀ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଯକ୍ଷ୍ମାର ଜିଲା କାର୍ଯ୍ୟକ୍ରମ ସଂଯୋଜକ ସମୀର କୁମାର ସାହୁ, ନର୍ସିଂ ଅଫିସର ଏଲି ଭଞ୍ଜଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ, ଗର୍ଭବତୀ ମା', ଶିଶୁ ଯତ୍ନକାରୀ ପ୍ରମୁଖ ସଭାରେ ଯୋଗ ଦେଇଥିଲେ।

## ପହଣ୍ଡି ଗ୍ରାମରେ ଷ୍ଟ୍ରିଟ୍‌ଲାଇଟ ଅଚଳ

### ବିଡ଼ିଓଙ୍କ ନିକଟରେ ଅଭିଯୋଗ

ଡୁଙ୍ଗୁରିପାଲି,୧୭।୧୧(ଡି.ଏନ.ଏ.)

ଗତ ୧୦ ମାସ ହେବ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗ୍ରାମ ପଞ୍ଚାୟତର ପହଣ୍ଡି ଗ୍ରାମରେ ଲାଗିଥିବା ଷ୍ଟ୍ରିଟଲାଇଟରୁ ଅଧିକାଂଶ ଜଳୁନାହିଁ। ଏନେଇ ଗୁରୁବାର ଗ୍ରାମର ମୁରଲୀ ପଧାନ ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦଙ୍କୁ ଏକ ଅଭିଯୋଗପତ୍ର ଦେଇଥିବା ଜଣାଯାଇଛି। ଗାଁର ପ୍ରତି ଗଳି ରାସ୍ତାରେ ୪୫ଟି ଷ୍ଟ୍ରିଟ ଲାଇଟ ଲାଗିଥିବା ବେଳେ ସେଥିମଧ୍ୟରୁ ୨୨ଟି ଦୀର୍ଘ ୧୦ ମାସ ହେବ ଅଚଳ ହୋଇପଡିଛି। ଫଳରେ ଅଧା ଗ୍ରାମ ଅନ୍ଧାରରେ ରହୁଛି। ରାତିରେ ଛାତ୍ରୀଛାତ୍ରମାନେ ଟ୍ୟୁଶନ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ଏ ନେଇ ସୁନାପାଲି ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ପ୍ରତିକାର କରାଯାଇ ନ ଥିବା ଅଭିଯୋଗରେ ଦର୍ଶାଇ ଥିବା ଜଣାପଡିଛି। ଏ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ତଦନ୍ତ କରିବା ପରେ ଗାଁରେ ଲାଇଟ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଗଡ଼ିଲା ଶିଶୁ ସୁରକ୍ଷା ସଚେତନତା ରଥ

ସୋନପୁର,୧୭।୧୧(ନି.ପ୍ର.)

ସୁବର୍ଣ୍ଣପୁର ଚାଇଲଡ୍ ଲାଇନ ତରଫରୁ ଚାଇଲଡ୍ ଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶିଶୁ ସୁରକ୍ଷା ସଚେତନତା ରଥ ଜିଲା ପୋଲିସ ମୁଖ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ରଥ ଜିଲା ମୁଖ୍ୟାଳୟର ସମସ୍ତ କାର୍ଯ୍ୟାଳୟରେ ପହଞ୍ଚି ଜନସାଧାରଣଙ୍କୁ ସଚେତନ କରିଥିଲା। ଚାଇଲଡ୍ ଲାଇନ୍‌ର କର୍ମକର୍ତ୍ତାମାନେ ସରକାରୀ ଅଧିକାରୀମାନଙ୍କୁ ଦୋସ୍ତି ବେଣ୍ଡ ବାନ୍ଧିବା ସହିତ ଶିଶୁମାନଙ୍କ ସୁରକ୍ଷା ପାଇଁ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ କର୍ମକର୍ତ୍ତାମାନେ ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଫକୀର ଚନ୍ଦ୍ର ଭୋଇ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚର୍ତୁଃଭୁଜ ଦାସ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ସହକାରୀ ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ ପ୍ରମୁଖଙ୍କୁ ସାକ୍ଷାତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଦୋସ୍ତି ବେଣ୍ଡ ବାନ୍ଧି ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।



ଚାଇଲଡ୍‌ଲାଇନ୍‌ସେ ଦୋସ୍ତି କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସହିତ ଚାଇଲଡ୍‌ଲାଇନ୍‌ର କର୍ମକର୍ତ୍ତା।

## ବୀରମହାରାଜପୁର ଫୁଟ୍‌ବଲ କପ୍ ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୧୭।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚଳିତ ବର୍ଷ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟର ହେବାକୁ ଥିବା ୬ଷ୍ଠ ରାଜ୍ୟସ୍ତରୀୟ ବୀରମହାରାଜପୁର ଫୁଟବଲ କପ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟିଂ କ୍ଲବର ସଭାପତି ପର୍ଶୁରାମ ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ। ଦୁଇ ଦିନ ଧରି ହେବାକୁ ଥିବା ଉକ୍ତ ଟୁର୍ନାମେଣ୍ଟରେ ରାଜ୍ୟର ବଛା ବଛା ୮ଟି ଦଳ ଅଂଶଗ୍ରହଣ କରିବେ ବୋଲି ସ୍ଥିର କରାଯାଇଛି।ଏହା ସହିତ ଉକ୍ତ ଟୁର୍ନାମେଣ୍ଟ ଡିସେମ୍ବର ୧୭ ଓ ୧୮ ତାରିଖରେ ହେବାର ସ୍ଥିରୀକୃତ ହୋଇଛି। ବୈଠକରେ ସଂଘର ଉପସଭାପତି ସିଦ୍ଧାର୍ଥ ପାତ୍ର,କୋଷାଧ୍ୟକ୍ଷ ଅଜିତ କୁମାର ନାଏକ,ଅମିତ କୁମାର ପ୍ରଧାନ, ଅଭିମନ୍ୟୁ ବଗର୍ତ୍ତି,କାର୍ତ୍ତିକ ମହାକୁର,ଅଇଁଠୁ ନାଏକ, ପ୍ରାଣବନ୍ଧୁ କାଣ୍ଡ, ଅଶ୍ୱିନୀ କୁମାର ବାଦୀ, ମାନସ ଭରାସାଗର,ପ୍ରଶାନ୍ତ ଷାଣ୍ଢ,ବସୁଦେବ ରାଜହଂସ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶେଷରେ ସଂଘର ସମ୍ପାଦକ ସତ୍ୟନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ କ୍ଲବର କର୍ମକର୍ତ୍ତା।

## ଦୁର୍ଗମ ଅଞ୍ଚଳର ସୁନୀଲ ବୌଦ୍ଧ ଜିଲା ପାଇଁ ଗୌରବ ଆଣିଲେ

ବାଡ଼ଉଁଶୁଣୀ,୧୭।୧୧(ଡି.ଏନ.ଏ.)

ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ହୋଇଥିବା ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ବୌଦ୍ଧ ଜିଲା ଶଗଡା ପଞ୍ଚାୟତ ଝଗଡୁଗାଡିଆ ଗ୍ରାମର ସୁନୀଲ କୁମାର ଚାନ୍ଦ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭାରତର ବିଭିନ୍ନ ରାଜ୍ୟର ଛାତ୍ରୀଛାତ୍ରମାନେ ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ମାତ୍ର ଏହି ପରୀକ୍ଷାରେ ଦେଶର ୧୩ ଜଣ କୃତିତ୍ୱ ହାସଲ କରିଥିବା ବେଳେ ଓଡ଼ିଶାରୁ ଜଣେ ମାତ୍ର ଛାତ୍ର ସୁନୀଲ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ନିଜର ପାଠପଢା ଗାଁ ସ୍କୁଲରୁ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବାଡ଼ଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ କଲେଜରେ ସ୍ନାତକ ପଢ଼ି ସାରିବା ପରେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗରେ ସ୍ନାତକୋତ୍ତର କରିଥିଲେ। ତେବେ ଦୃଢ ମନୋବଳ ଓ ଇଚ୍ଛାଶକ୍ତି ବଳରେ ସୁନୀଲ ସର୍ବଭାରତୀୟ ପରୀକ୍ଷାରେ ସଫଳତା ଲାଭ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଝଗଡୁଗାଡ଼ିଆ ଭଳି ଦୁର୍ଗମ,ଅପହଞ୍ଚ ଇଲାକାରୁ ସେ ଏବେ ଦିଲ୍ଲୀ ପର୍ଯ୍ୟନ୍ତ ଯିବାର ସୁଯୋଗ ପାଇଛନ୍ତି। ଉତ୍ତରପ୍ରଦେଶର ନୋଇଡାସ୍ଥିତ ଦୀନଦୟାଲ ଉପାଧ୍ୟାୟ ପ୍ରତ୍ନତତ୍ତ୍ୱ ଅନୁଷ୍ଠାନରେ ଦୁଇ ବର୍ଷିଆ ପାଠ୍ୟକ୍ରମ କରିବା ପାଇଁ ୨ବର୍ଷର ଆବାସିକ ତଥା ମାସିକ ଅର୍ଥରାଶି ତାଙ୍କୁ ପ୍ରଦାନ କରାଯିବ। ଏଥିସହିତ ବିଭିନ୍ନ ଦେଶ ତଥା ରାଜ୍ୟରେ ପରିଭ୍ରମଣ, ପ୍ରତ୍ନତାତ୍ତ୍ୱିକ ଉଦ୍‌ଖନନ,ସର୍ବେକ୍ଷଣ ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ କରିବା ପରେ ଭାରତୀୟ ସର୍ବେକ୍ଷଣରେ ଚୟନ ହେବାର ସୁଯୋଗ ରହିଛି।

ସୁନୀଲ ହେଉଛନ୍ତି ଝଗଡୁଗାଡିଆ ଗ୍ରାମର ସ୍ୱର୍ଗତ ଗୋପବନ୍ଧୁ ଚାନ୍ଦ ଓ ମା' କମଳିନୀଙ୍କ କନିଷ୍ଠ ପୁତ୍ର। ତାଙ୍କର ଏହି ସଫଳତାରେ ପରିବାରବର୍ଗ, ଗ୍ରାମବାସୀ, ଗୁରୁଜନ ଜିଏମୟୁର ଇତିହାସ ବିଭାଗର ସମସ୍ତ ଅଧ୍ୟାପକ ଓ ଛାତ୍ରୀଛାତ୍ର ଖୁସି ବ୍ୟକ୍ତ କରିଛନ୍ତି। ଏହି ସଫଳତାର ଶ୍ରେୟ ସେ ନିଜ ପରିବାର, ଗୁରୁଜନ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଦେଇଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ସୁନୀଲ ଥିଲେ ଉଚ୍ଚମନା। ଝଗଡୁଗାଡିଆ ଭଳି ଅପହଞ୍ଚ ଇଲାକା, ଯେଉଁ ଗାଁକୁ ରାସ୍ତା ନାହିଁ ସେହି ଗାଁର ଗୋଟିଏ ଗରିବ ପରିବାରର ହୋଇ ମଧ୍ୟ ପାଠପଢା ଜାରି ରଖିଥିଲେ। ସୁନୀଲ କହିଛନ୍ତି ଯେ, ବାପା ବିବାହ, ବ୍ରତ ଆଦିରେ ରୋଷେୟା ଭାବେ କାମ କରି ଯାହା ପାରିଶ୍ରମିକ ପାଉଥିଲେ ସେଥିରେ ପରିବାର ଚଳାଇବା ସହିତ ମୋ ପାଠପଢା ଖର୍ଚ୍ଚ ତୁଲାଉଥିଲେ। ପିତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, କରୋନା ମହାମାରୀରେ ଗୋପବନ୍ଧୁ ଚାନ୍ଦଙ୍କ ପରଲୋକ ଘଟିଥିଲେ ହେ ସୁନୀଲ ଭାଙ୍ଗି ନ ପଡ଼ି ଆଗକୁ ବଢିଥିଲେ।



ସୁନୀଲ କୁମାର ଚାନ୍ଦ।

**ଆଉଟ ସୋର୍ସିଂ କର୍ମଚାରୀଙ୍କ କଳାବ୍ୟାଜ ପରିଧାନ**

ଲାଠୋର (ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲାଠୋର ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ଦାବିରେ କଳାବ୍ୟାଜ ପରିଧାନ କରି ଚଳାଇଥିବା ଆନ୍ଦୋଳନ ଗୁରବାର ଚତୁର୍ଥ ଦିନରେ ପହଞ୍ଚିଛି। ବନ ବିଭାଗରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀମାନେ ଦୀର୍ଘଦିନରୁ ସ୍ଥାୟୀ କର୍ମଚାରୀ ମାନ୍ୟତା ପ୍ରଦାନ ପାଇଁ ଦାବି କରି ଆସୁଥିଲେ ମଧ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହାକୁ ନେଇ ଆସନ୍ତା ୨୬ ନଭେମ୍ବରରେ ଭୁବନେଶ୍ୱରଠାରେ ହେବାକୁ ଥିବା ଆନ୍ଦୋଳନରେ ଲାଠୋର ବନାଞ୍ଚଳରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଯୋଗ ଦେବେ ବୋଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲୋଇସିଂହାରେ ଓକିଲ ସଂଘର ଆନ୍ଦୋଳନ

**ଲୋଇସିଂହା,୧୭।୧୧(ଡି.ଏନ.ଏ):** ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଆକ୍ସନ କମିଟି ଓ ଜିଲା ବାର ସଂଘ ପକ୍ଷରୁ ମାସର ତୃତୀୟ ଗୁରୁବାର ବନ୍ଦ ନିଷ୍ପତ୍ତି ହୋଇଛି। ଗୁରୁବାର ଲୋଇସିଂହା ଓକିଲ ସଂଘ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଆନ୍ଦୋଳନ ଯୋଗୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ ଶଶାଙ୍କା ଶଖର ଭୋଇ, ସଞ୍ଜୟ ଷଡଙ୍ଗୀ, ଆଶୋକ କୁମାର ସାହୁ, ଗୌରୀଶଙ୍କର ସାହୁ, ପ୍ରବୀଣ କୁମାର ତ୍ରିପାଠୀ ପ୍ରମୁଖ ପିକେଟିଂ କରି ବ୍ଲକ ଅଫିସ, ଗୋଷ୍ଠୀଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ବିଭିନ୍ନ ବ୍ୟାଙ୍କ ବନ୍ଦ କରିଥିଲେ।

### ମିଶନଶକ୍ତି କେନ୍ଦ୍ର ପରିସର ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

**ଦେଓଗାଁ,୧୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ମିଶନ ଶକ୍ତି କେନ୍ଦ୍ର ପରିସର ଏବେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏସ୍‌ଏଚ୍‌ଜି ସଦସ୍ୟା, ସିଏଲଏଫ କର୍ମକର୍ତ୍ତା ଉକ୍ତ କେନ୍ଦ୍ରରେ ବୈଠକ କରିବାରେ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି। ଗୁରୁବାର ଉକ୍ତ କେନ୍ଦ୍ରରେ ମହିଳାମାନଙ୍କ ଏକ ବୈଠକ ଥିଲା। ତେବେ ପରିସରରେ ଅଇଁଠା ପତ୍ର, ମଦ ପାଉଚ ପଡିଥିବା ଦେଖି ମହିଳାମାନେ ସେଠାକୁ ନ ଯାଇ ପଞ୍ଚାୟତ ପରିସରରେ ବୈଠକ କରିଥିଲେ। ପ୍ରଶାସନ ଦୃଷ୍ଟିଦେବାକୁ ମହିଳାମାନେ ଦାବି କରିଛନ୍ତି।

### ଧର୍ମପ୍ରାଣା ହେମଲତା ସାହୁଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୭।୧୧:** ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଶିରାବାହାଲ ଗୌନ୍ତିଆ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ହେମଲତା ସାହୁ (୯୨)ଙ୍କ ଗୁରୁବାର ପରଲୋକ ହୋଇଛି।



ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଚାରି ପୁଅ ଜଗବନ୍ଧୁ ସାହୁ, ରାଜେନ୍ଦ୍ର ପ୍ରସାଦ ସାହୁ, ବଲ୍ଲଭ ସାହୁ ଏବଂ ବଳଦେବ ସାହୁ, ସମସ୍ତ ବୋହୂ, ଏକମାତ୍ର ଝିଅ ସିନ୍ଧୁସୂତା, ଜାମାତା ନାରାୟଣ ସାହୁ, ନାତିନାତୁଣୀ ଉପସ୍ଥିତ ଥିଲେ। ଜଣେ ମିଷ୍ଟଭାଷୀ ଏବଂ ଧର୍ମପ୍ରାଣା ମହିଳା ଭାବେ ସେ ପରିଚିତ ଥିଲେ।

### କ୍ରୀଡା ସଙ୍ଗଠକ ନିଶିଥ ରାଉତରାୟଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୭।୧୧:** ଜଣାଶୁଣା କ୍ରୀଡା ସଙ୍ଗଠକ ତଥା ବଲାଙ୍ଗୀର କଲେଜ ଛକ ନିବାସୀ ନିଶିଥ ରାଉତରାୟ (୬୫)ଙ୍କ ଭୁବନେଶ୍ୱରରେ ପରଲୋକ ହୋଇଛି। ସେ



ଜଣେ ଭଦ୍ର, ମେଳାପୀ ଏବଂ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ପରିଚିତ ଥିଲେ। କଲେଜ ଛକ ଫୁଟବଲ ଆସୋସିଏଶନ୍‌ର ସଭାପତି ଭାବେ କାମ କରି ଫୁଟବଲ ଏବଂ ଅନ୍ୟ କ୍ରୀଡାର ବିକାଶ ଦିଗରେ କାମ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ତ୍ରୀ ବନପ୍ରିୟା, ପୁତ୍ର ଶିବାନୀ ଶଙ୍କର, କନ୍ୟା ପ୍ରିୟଙ୍କା, ସୋନିକା, ପୁତ୍ରବଧୂ, ଜାମାତା ଅଛନ୍ତି।

# ସମସ୍ତ ସରକାରୀ ଅଫିସ ବନ୍ଦ

**ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି**

- ଅଟୋଚାଳକ ଶୋଭାଯାତ୍ରାରେ ଆସି ରାସ୍ତାରୋକୋ କଲେ
- ସୁପ୍ରିମକୋର୍ଟଙ୍କ ଚେତାବନୀକୁ ନିନ୍ଦା

**ବଲାଙ୍ଗୀର ଅଫିସ, ୧୭।୧୧**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ଗୁରୁବାର ସମସ୍ତ ସରକାରୀ ଅଫିସ ବନ୍ଦ କରାଯାଇଥିଲା। ଏଥିସହ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା, ବିକ୍ଷୋଭ ଏବଂ ପ୍ରତୀକାତ୍ମକ ରାସ୍ତାରୋକୋ କରାଯାଇଥିଲା। ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପରିଚାଳିତ ଏହି ଆନ୍ଦୋଳନକୁ ଜିଲାର ବହୁ ସାମାଜିକ, ସାଂସ୍କୃତିକ, ବେସରକାରୀ ସଂସ୍ଥା, ଟ୍ରେଡ ୟୁନିଅନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସମର୍ଥନ କରିଥିଲେ।

ଗୁରୁବାର ସକାଳ ୬ରୁ ପ୍ରଧାନ ଡାକଘର ସମ୍ମୁଖରେ ପିକେଟିଂ କରାଯାଇଥିଲା। ଏହାପରେ ପୂର୍ବାହ୍ନ ୯ଟାରୁ ଜିଲାପାଳ ଅଫିସ, ଡିଆର୍‌ଡିଏ, ଡିଏଫ୍‌ଓ ଅଫିସ, ସିଭିଲ କୋର୍ଟ, ସିଡିଏମ୍‌ଓ ଅଫିସ, ସିଏସ୍‌ଓ ଅଫିସ, ବ୍ଲାଙ୍କ, ବୀମା ପ୍ରତିଷ୍ଠାନ ଗୁଡିକୁ ବନ୍ଦ କରିବାକୁ ସଙ୍ଗଠନମାନଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ବିଭିନ୍ନ ସରକାରୀ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀମାନେ ପିକେଟିଂ କରିଥିଲେ। ପୂର୍ବାହ୍ନ ସାଢ଼େ ୯ଟାରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆକ୍ସନ କମିଟି ଆବାହକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ ଏବଂ ସଂଘ ସଦସ୍ୟ ଯୋଗଦେଇ ଥିଲେ। ପ୍ରତିବାଦ ସଭା ଚାଲିଥିବା ସମୟରେ ଶ୍ରୀଗଣେଶ ଅଟୋ ଚାଳକ ସଂଘ ସଦସ୍ୟମାନେ ଅଟୋରିକ୍ସା ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଚେରୀ ଛକ ଚାରିପଟେ ଅଟୋରିକ୍ସା ରଖାଯାଇ ପ୍ରତୀକାତ୍ମକ ଭାବେ କିଛି ସମୟ ପାଇଁ ରାସ୍ତାରୋକୋ କରାଯାଇଥିଲା। ସଂଘ ସଭାପତି ଦ୍ରୋଣ କୁମ୍ଭାରଙ୍କ ନେତୃତ୍ୱରେ ଅଟୋ ଚାଳକ ମାନେ ଧାରଣାରେ ଯୋଗଦାନ କରିଥିଲେ। ପ୍ରତିବାଦ ସଭାରେ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ନୀଳମଣି ମିଶ୍ର, ସରୋଜ ପାଣିଗ୍ରାହୀ, ଅଶୋକ ରାଉତ, ରାଜେନ୍ଦ୍ର ମିଶ୍ର, ସମାଜସେବୀ ବିକ୍ରମାନନ୍ଦ ବହିଦାର, ବିଜେଡି ନେତା ଲୋଟସ ଷଡଙ୍ଗୀ, ଆଇନଜୀବୀ ସରୋଜ ପାଣିଗ୍ରାହୀ, ପ୍ରମୋଦ ତ୍ରିପାଠୀ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଗୋପବନ୍ଧୁ ଶତପଥୀ, ରଘୁନନ୍ଦନ ସିଂହ, ସ୍ୱେଚ୍ଛାସେବୀ ବିକାଶ ସା, କାହ୍ନା ଶତପଥୀ, ନୂତନ ଦାସ, ଶ୍ରମିକ ନେତା ବିଭୁଦତ୍ତ ମିଶ୍ର, ରବି ମିଶ୍ର, ଅନନ୍ତ ବିଶ୍ୱାଳ, ସୌମ୍ୟରଞ୍ଜନ ମିଶ୍ର, ଗୋପଭୂଷଣ ନାଥ, ବରିଷ୍ଠ ନାଗରିକ କମିଟି ସଭାପତି ପ୍ରଭାକର ମିଶ୍ର, ଯୁବନେତା ନିବେଶ ପାଣିଗ୍ରାହୀ, ବ୍ଲାଙ୍କ କର୍ମଚାରୀ ନେତା ପୁଲିନ ମିଶ୍ର, ଭିଆଇପି ପାର୍ଟି ସଭାପତି ଡ. ବିପିନ କୁଶଲିଆ, ଜିଲା ଓକିଲ ସଂଘ ସମ୍ପାଦକ ଅଧିକାରୀ ଦନ୍ତା ଓ ଅନ୍ୟମାନେ ଉପସ୍ଥିତ ରହି ସରକାରଙ୍କ ଟାଳଟୁଳ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ।

ବଲାଙ୍ଗୀରରେ ହାଇକୋର୍ଟ ଥିଲା ଏବଂ ଓଡିଶା ମିଶ୍ରଣ ପରେ ଏହା ଉଠାଇ ଦିଆଯାଇଥିଲା। ଏହି ସତ୍ୟତାକୁ ଆଧାର କରି ଏବଂ ଯଶୋବନ୍ତ ସିଂ କମିଶନ ରିପୋର୍ଟକୁ ଭିତ୍ତି କରି ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା କରାଯିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ନିଜର ନାର୍ଯ୍ୟ ଦାବି ହାସଲ ଦିଗରେ ଗଣତାନ୍ତ୍ରିକ ଆନ୍ଦୋଳନ କରୁଥିବାବେଳେ ଆନ୍ଦୋଳନରତ ଓକିଲ ମାନଙ୍କ ଲାଇସେନ୍ସ ରଦ୍ଦ କରିବା ନେଇ ସୁପ୍ରିମକୋର୍ଟ ଦେଇଥିବା ଚେତାବନୀକୁ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ଓ ଅନ୍ୟ ଆଡଭୋକେଟ ନିନ୍ଦା କରିଥିଲେ। ଦାବି ହାସଲ ନହେବା ପର୍ଯ୍ୟନ୍ତ ବଲାଙ୍ଗୀରବାସୀ ଲଢ଼େଇ ଜାରି ରଖିବେ ବୋଲି ଘୋଷଣା କରାଯାଇଥିଲା। ଶେଷରେ ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଳସାଏ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ବିଭିନ୍ନ ସଙ୍ଗଠନ ସଦସ୍ୟ।

## ମୃତ ଜବକାର୍ଡଧାରୀ ଶ୍ରମିକଙ୍କୁ ସହାୟତା ଦାବି

**ଲୋଇସିଂହା,୧୭।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁରସୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ହରଭଙ୍ଗା ଗାଁର ଜବକାର୍ଡଧାରୀ ଶ୍ରମିକ ହେମସାଗର ବାରିକ(୫୫) ବୁଧବାର



ଏମ୍‌ଜିଏନ୍‌ଆର୍‌ଇଜିଏସ କାମ କରୁଥିବାବେଳେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଡୁଙ୍ଗରିପାଲି ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ମୁରସୁଣ୍ଡି ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୬ଲକ୍ଷ ବ୍ୟୟ ଅଟକଳରେ ହରଭଙ୍ଗା ଗାଁ ନିକଟସ୍ଥ ଜଙ୍ଗଲରେ ବର୍ଷାଜଳ ସଂରକ୍ଷଣ ପାଇଁ ଟ୍ରେଞ୍ଚ ଖୋଳା ଚାଲିଛି। ବୁଧବାର ଦ୍ୱିତୀୟ ସପ୍ତାହର ଶେଷ ଦିବସ ଥିଲା। ଏଠାରେ ହେମସାଗରଙ୍କୁ ମିଶାଇ ଗ୍ରାମର ୨୨ଜଣ ଜବକାର୍ଡଧାରୀ ଶ୍ରମିକ ନିୟୋଜିତ ହୋଇଥିଲେ। ପୂର୍ବାହ୍ନ ୧୧ଟାରେ କାମ କରୁଥିବା ବେଳେ ସେ ଅସୁସ୍ଥ ହୋଇ ପଡିଥିଲେ। ସେତେବେଳେ ଗାଁ ସାଥୀ କିମ୍ବା ଜିଆରଏସ ସେଠାରେ ନ ଥିଲେ। ପାଖରେ ଥିବା ସାଥୀ ଶ୍ରମିକ ହେମସାଗରଙ୍କୁ ଉଦ୍ଧାର କରି ତାଙ୍କ ଘରକୁ ଆଣିଥିଲେ। ପରିବାର ଲୋକେ ପରେ ତାଙ୍କୁ ଡୁଙ୍ଗରିପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।। ମୃତଙ୍କ ସ୍ତ୍ରୀ ତାରଣୀ, ଦୁଇଝିଅ ଓ ଏକମାତ୍ର ପୁଅ ଅଛନ୍ତି। ହେମସାଗର ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଏ ନେଇ ସରପଞ୍ଚ ରଥୀ ସାହୁଙ୍କୁ ପଚାରିବାରୁ ଶୁକ୍ରବାର ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ଦିଆଯିବ ବୋଲି କହିଥିଲେ।

# ୪ଦିନ ହେଲା ସ୍କୁଲ ଗେଟ୍‌ରୁ ଫେରୁଛନ୍ତି ପାଚିକା

**ମଧ୍ୟାହ୍ନଭୋଜନ ଫିଙ୍ଗିବା ଘଟଣା**

**ଲୋଇସିଂହା,୧୭।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୋଲନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନକୁ ଆନ୍ଦେଳନରତ ପାଚିକା ସଂଘର କେତେକ ସଦସ୍ୟ ଫିଙ୍ଗାଫୋପଡା କରିଥିଲେ। ଏହାକୁ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷୟିତ୍ରୀ ନିନ୍ଦା କରିଥିଲେ। ବିଭିନ୍ନ ଦାବି ନେଇ ଆନ୍ଦୋଳନରତ ପାଚିକାମାନେ ନିଜ ସ୍କୁଲରେ ଯୋଗ ଦେଇ ରୋଷେଇ କରୁଥିଲେ ହେଁ ବ୍ଲକ କଲୋନୀ ସ୍କୁଲରେ ନିୟୋଜିତ ୨ ପାଚିକାଙ୍କୁ ସ୍କୁଲରେ ପଶିବାକୁ ଦେଉନାହାନ୍ତି ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ସୁନା। ଫଳରେ ଗତ ୪ଦିନ ହେଲା ସ୍କୁଲ ଗେଟରୁ ନିରାଶ ହୋଇ ଫେରୁଥିବା କହିଛନ୍ତି ପାଚିକା ଓମାଦିନୀ ବାଗ ଓ ଆହ୍ଲାଦିନୀ ରଣା।

ପାଚିକାମାନେ ମାସିକ ୧୪ ଶହ ଟଙ୍କାରେ କାମ କରୁଛନ୍ତି। ଗତ ୯ ତାରିଖରେ ଲୋଇସିଂହା ବ୍ଲକ ମଧ୍ୟାହ୍ନ ଭୋଜନ ରୋଷେଇ ପାଚିକା ସଂଘ ପକ୍ଷରୁ ପ୍ରାପ୍ୟ ବଢାଇବା ଦାବିରେ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୋଟିଏ ମାସ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ କରିବାକୁ ସଂଘ ପକ୍ଷରୁ ଚେତବନୀ ଦିଆଯାଇଥିଲା। ବ୍ଲକ ଶିକ୍ଷା ବିଭାଗ ଓ ସ୍କୁଲ କର୍ତ୍ତୃପକ୍ଷ ବିକଳ୍ପ ଭାବେ ସ୍ୱତନ୍ତ୍ର ରୋଷେଆ ନିୟୋଜିତ କରି ଛାତ୍ରୀଛାତ୍ରଙ୍କୁ ଭୋଜନ ଦେବା ବ୍ୟବସ୍ଥା ଗ୍ରହଣ କରିଥିଲେ। ଏହି ସମୟରେ ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ଚାଲିଥିଲା। ଏହା ଆନ୍ଦୋଳନରତ କେତେକ ଜାଣି ସେଠାକୁ ଯାଇ ପ୍ରସ୍ତୁତ ଭାତ, ଶିଝା ଅଣ୍ଡା ଓ ପରିବା ଫୋପାଡି ଥିଲେ। ନଭେମ୍ବର ୧୪ରେ ବ୍ଲକର ସବୁ ସ୍କୁଲରେ ପାଚିକା ରୋଷେଇ ପାଇଁ ଯୋଗଦେଇଥିଲେ। ବ୍ଲକ କଲୋନୀ ସ୍କୁଲରେ ନିୟୋଜିତ ପାଚିକା ଓମାଦିନୀ ଓ ଆହ୍ଲାଦିନୀ ସ୍କୁଲକୁ ଯାଇଥିଲେ। ବିଳମ୍ବରେ ଆସିବା ଏବଂ କମିଟିରୁ ୨ ଜଣ ରୋଷେଇ ପାଇଁ ନିୟୋଜିତ ଥିବା କହି ପ୍ରଧାନ ଶିକ୍ଷୟିତ୍ରୀ ସେମାନଙ୍କୁ ବାରଣ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷା ଦୀପିକା ସୁନା କହିଛନ୍ତି ପାଚିକାଙ୍କ ସେହି ଦିନର ଘଟଣାକୁ ନେଇ ଯେ କେହି କ୍ଷୁବ୍ଧ ହେବେ। ସେହିମାନେ ହିଁ ସ୍କୁଲରେ ରୋଷେଇ କରିବେ। ଖୁବଶୀଘ୍ର ସିଆରସିସିଙ୍କ ଉପସ୍ଥିତିରେ ପରିଚାଳନା କମିଟି ବୈଠକ ବସି ପଦକ୍ଷେପ ନିଆଯିବ।





ସ୍କୁଲ ଗେଟ ବାହାରେ ଛିଡା ହୋଇଥିବା ଦୁଇ ପାଚିକା।

# ଅଭିଭାବକ, ପରିଚାଳନା କମିଟିର ଧାରଣା

**ଦେଓଗାଁ,୧୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି କଲୋନୀରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ (କେଜିବିଭି) ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଶ୍ରେଣୀଗୃହରେ ଚଉକି, ଟେବୁଲ ନାହିଁ। ପାଣିର ବ୍ୟବସ୍ଥା ନାହିଁ। ପିଲାଙ୍କୁ ମଧ୍ୟାହ୍ନଭୋଜନ ମେନୁ ହିସାବରେ ଖାଦ୍ୟ ଦିଆଯାଉନାହିଁ। ସ୍କୁଲର ଜନୈକ ଶିକ୍ଷୟିତ୍ରୀ ପିଲାଙ୍କୁ କଟୁଭାଷା ପ୍ରୟୋଗ କରୁଛନ୍ତି। ଏହିଭଳି ଅଭିଯୋଗ ନେଇ ଗୁରୁବାର ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉପରୋକ୍ତ ସମସ୍ୟାର ସମାଧାନ ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି ଦାବି କରି ସେମାନେ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇ, ଅତିରିକ୍ତ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର, ବିଡିଓ ସୁରେନ୍ଦ୍ର ମେହେର, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ନାଗ, ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସ୍କୁଲ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ସମସ୍ୟାକୁ ନେଇ ଚଳିତ ମାସ ୭ ତାରିଖରେ ସ୍କୁଲ ପରିଚାଳନା କମିଟି ସଭାପତି ନୀଳମଣି ଦୀପଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ।





ସ୍କୁଲ ସମ୍ମୁଖରେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଧାରଣା ଦେଇଛନ୍ତି।

**ସାଗରପାଲି କେଜିବିଭିରେ ଅବ୍ୟବସ୍ଥା**

## ପରଭା ମହୋତ୍ସବ ଉଦ୍‌ଯାପିତ

**ଦେଓଗାଁ, ୧୭।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଖେଳ ପଡିଆରେ ସ୍ଥାନୀୟ କୋଶଲୀ ଲୋକନୃତ୍ୟ ଏକାଡେମୀ ଆନୁକୂଲ୍ୟରେ ଚାଲିଥିବା ପରଭା ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ କଳାକାର ଶରତ କୁମାର ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ତେଜ ହରପାଲ, ମୁଖ୍ୟବକ୍ତା ଭାଗବତ ନାଏକ, ସମ୍ମାନୀତ ଅତିଥି କୃଷ୍ଣଚନ୍ଦ୍ର ଚାନ୍ଦ ଯୋଗଦେଇ ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ଉଜ୍ଜିବିତ କରି ରଖିବାର ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଲୋକନୃତ୍ୟ ଏକାଡେମୀ ସମ୍ପାଦକ ଧରଣୀଧର ନାୟକ ବିବରଣୀ ପାଠ କରିଥିଲେ। ପରେ ମନୋଜ କୁମାର ପୁଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କାଣୀ ହରପାଲ ଓ ସାଥୀଙ୍କ ଦ୍ୱାରା ଡାଲଖାଇ ନୃତ୍ୟ, ଚୈତନ୍ୟ ତାଣ୍ଡିଙ୍କ ହଲିଆ ଗୀତ, ସତ୍ୟନାରାୟଣ ନନ୍ଦଙ୍କ ଝୁମେର ଗୀତ, ଅର୍ଜୁନ ଦୀପ ଓ ସାଥୀଙ୍କ ପାଟଖଣ୍ଡା ନୃତ୍ୟ, ଦୟାନିଧି ଭୋଇଙ୍କ ବନବିହାର ଗୀତ ବେଶ ଆଦୃତ ହୋଇଥିଲା। କାର୍ଯ୍ୟକ୍ରମକୁ କୋଶଲୀ ଲୋକନୃତ୍ୟ ଏକାଡେମୀ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କପସିପାଲି ସେବାଶ୍ରମ ବିଦ୍ୟାଳୟ ପରିସରରେ ଚାଇଲ୍ଡ ଲାଇନ ଓ ଦି କଲ୍ୟାଣ ବଲାଙ୍ଗୀର ମିଳିତ ଉଦ୍ୟମରେ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାଇଲ୍ଡ ଲାଇନର ଟିମ ଲିଡର ରଶ୍ମି ନାଏକ ଅଧକ୍ଷତା କରିଥିଲେ। ଦି କଲ୍ୟାଣ ସମ୍ପାଦିକା ମିନାକ୍ଷୀ ପୁରୋହିତ, ତହସିଲ ବାଗ, ରାଜ ପଧାନ ଶିଶୁ ଅଧିକାର, ବାଲ୍ୟ ବିବାହ ନିରୋଧ ଆଇନ, ପୋକ୍ସୋ ଆଇନ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।





ଗୁରୁବାର ଶିଶୁ ସୁରକ୍ଷା ପାଇଁ ବାହାରି ଥିବା ସଚେତନତା ରାଲି।

# ସନ୍ତରଣ ପ୍ରତିଯୋଗିତାରେ ବଲାଙ୍ଗୀର ଖେଳାଳିଙ୍କ କୃତିତ୍ୱ

**ବଲାଙ୍ଗୀର ଅଫିସ, ୧୭।୧୧**

ସମ୍ବଲପୁରସ୍ଥିତ ଜେକେ ସାହୁ ସନ୍ତରଣାଗାରଠାରେ ଗତ ୧୩ତାରିଖରୁ ଆରମ୍ଭ ହୋଇଥିବା ଦଶମ ଖଟେଶ୍ୱର ପାଣ୍ଡେ ମେମୋରିଆଲ ଅଲ୍ ଓଡିଶା ଓପନ୍ ସନ୍ତରଣ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲା ସନ୍ତରଣ ସଂଘର ୧୨ ଜଣ ଖେଳାଳି ଯୋଗଦେଇ କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୪୦-୪୫ ବର୍ଷ ମହିଳା ବର୍ଗରେ ସୁଶୀଳା ବିଶ୍ୱାଳ ଏବଂ ୩୦-୩୫ବର୍ଷ ମହିଳା ବର୍ଗରେ ସୌଦାମିନୀ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୫-୩୦ ବର୍ଷ ବୟସ ପୁରୁଷ ବର୍ଗରେ ପୂର୍ଣ୍ଣଚନ୍ଦ୍ର ବିଶି ରୌପ୍ୟ ଏବଂ ୧୮-୨୫ବର୍ଷ ପୁରୁଷ ବର୍ଗରେ ଶ୍ରୀନିବାସ ନାଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୮-୨୫ ବର୍ଷ ପୁରୁଷ ବର୍ଗରେ ବିଭୂଦତ୍ତ ବରାଡ଼ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗ୍ରୁପ ୩ରେ ଅଭିନାଶ ଦାଶ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ଗ୍ରୁପ ୪ରେ କ୍ରିଷ୍ଣା ସେନାପତି ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଥିବା ସୂଚନା ଦିଆଯାଇଛି। ମହିଳା ବର୍ଗରେ ନୀଳାଦ୍ରୀ ସାହୁ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି। ବଲାଙ୍ଗୀର ଜିଲା ସନ୍ତରଣ ସଂଘ ବଲାଙ୍ଗୀର ସମ୍ପାଦକ ତଥା ରାଜ୍ୟ ଉପସଭାପତି ସୁମିତ ରଞ୍ଜନ ପୁରୋହିତ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଡି ଅବସରରେ ସନ୍ତରଣ କୋଚ ନରେଶ ପ୍ରଧାନ ଉପସ୍ଥିତ ଥିଲେ।



ସନ୍ତରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବଲାଙ୍ଗୀରର ଖେଳାଳିମାନେ।

# ଟିଟିଲାଗଡ଼ ଜିଲା ଦାବି ନେଇ ମାନବଶୃଙ୍ଖଳ

**ଟିଟିଲାଗଡ, ୧୭।୧୧ (ଡି.ଏନ.ଏ.)**

ଟିଟିଲାଗଡକୁ ଜିଲାର ମାନ୍ୟତା ଦାବିକୁ ନେଇ ଗୁରୁବାର ଟିଟିଲାଗଡ ପେଟ୍ରୋଲ ପମ୍ପ ଛକରୁ ଟ ରେଲୱେ ଷ୍ଟେଶନ ଛକ ଯାଏ ମାନବଶୃଙ୍ଖଳ କରାଯାଇଥିଲା। ଏହାରି ମାଧମରେ ଲୋକଙ୍କୁ ସଚେତନ କରି ଆନ୍ଦୋଳନକୁ ଜୋରଦାର କରିବାକୁ ପ୍ରୟାସ କରାଯାଇଛି। ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା ଦାବିକୁ ସବୁସ୍ତରରେ ସମର୍ଥନ ମିଳିବାକୁ ଆଖିରେ ରଖି ଟିଟିଲାଗଡବାସୀଙ୍କୁ ଜଗାଇବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏହି ସଚେତନ କର୍ଯ୍ୟକ୍ରମ କରାଯାଇଛି। ସହରର ବହୁ ନାଗରିକ ଏହି ଆନ୍ଦୋଳନରେ ସାମିଲ ହେବା ପରେ ଟିଟିଲାଗଡ ଜିଲା ଦାବି ଏବେ ବି ସେମାନଙ୍କ ମନରେ ଥିବା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ମୁଖ୍ୟମନ୍ତ୍ରୀ କ୍ରିୟାନୁଷ୍ଠାନ କମିଟିକୁ ସାକ୍ଷାତ ବେଳେ ଟିଟିଲାଗଡ ଜିଲା ଦାବିକୁ ଅନୁଧ୍ୟାନ କରି ଠିକ୍ ସମୟରେ ଜଣାଇ ଦେବେ ବୋଲି କହିଥିଲେ। ହେଲେ ଏ ନେଇ କୌଣସି ପ୍ରକ୍ରିୟା ପ୍ରଶାସନିକ ସ୍ତରରେ କରାଯାଇ ନ ଥିବାରୁ ଟିଟିଲାଗଡବାସୀ ପୁଣି ଥରେ ଦାବି ଜଣାଇବା ଆରମ୍ଭ କରିଛନ୍ତି। ଆଗକୁ ଜିଲା ଦାବି ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମନେ କହିଛନ୍ତି।



ଟିଟିଲାଗଡରେ କରାଯାଇଥିବା ମାନବ ଶୃଙ୍ଖଳରେ ସାମିଲ ବିଭିନ୍ନ ବର୍ଗର ଲୋକେ।

## ଦଶମ ଶ୍ରେଣୀ ପରୀକ୍ଷା ପରିଚାଳନା ପାଇଁ ବୈଠକ

ବୌଦ୍ଧ,(ସ୍ୱ.ପ୍ର.):ବୌଦ୍ଧ ଜିଲାରେ ଦଶମ ଶ୍ରେଣୀ ଏସଏ୧ ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ଲାଗି ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସଭାଗୃହଠାରେ ସମୁଦାୟ ୩୧ ଗୋଟି ପରୀକ୍ଷା କେନ୍ଦ୍ରର ଅଧକ୍ଷ ଏବଂ ଜିଲା ଶିକ୍ଷା କାର୍ଯାଳୟ ତରଫରୁ ନିଯୁକ୍ତ ୧୦ ଜଣ ପର୍ଯ୍ୟବେକ୍ଷକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ପରୀକ୍ଷା ସୁପରିଚାଳନା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଏବଂ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଆନନ୍ଦ ବେହେରା ଉପସ୍ଥିତଥିଲେ ।

## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଲ,୧୭।୧୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ବାଦୀ ପଞ୍ଚାୟତ ପଦ୍ମପୁର ଗ୍ରାମର ଜଣେ ଯୁବକ ବିଷ ପିଇ ଗୁରୁବାର ସକାଳେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ପଦ୍ମପୁର ଗ୍ରାମର ଉପେନ୍ଦ୍ର କୈବର୍ତ୍ତ (୩୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ପଦ୍ମପୁର ଗ୍ରାମର ଉପେନ୍ଦ୍ର କୌଣସି କଥାକୁ ନେଇ ବୁଧବାର ସନ୍ଧ୍ୟାରେ ବିଷ ପିଇ ଦେଇଥିଲେ। ଗୁରୁତର ହେବାରୁ ପରିବାର ଲୋକେ ଖଡ଼ିଆଲ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଗୁରୁବାର ସକାଳ ୬ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପରିବାର ଲୋକେ ଖଡ଼ିଆଲ ପୋଲିସରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୨୬/୨୨) ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ ଅଧିକାରୀ ଏସଆଇ ଦୁର୍ଗା ପ୍ରସାଦ ସାହୁ ପ୍ରକାଶ କରିଛନ୍ତି।

### ବାଇକ୍ ଧକ୍କାରେ ଜଣେ ମୃତ

**ବୋଡେନ,୧୭।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ଥାନା ଫରସରା ଗ୍ରାମରେ ଅଜଣା ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରତାପ ବାଗ (୪୫)। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ପ୍ରତାପ ଗାଁ ପାଖ ନାଳ ପାଟୁ ଘରକୁ ଚାଲି ଚାଲି ଯାଉଥିଲେ। ନାଳରେ ଥିବା ପୋଲ ପାଖରେ ଏକ ବାଇକ୍ ପଛପଟୁ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ପ୍ରତାପଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଡେନ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଥିବା ଜଣାପଡିଛି।

### ୟ୍ୟାର ଅନୁଷ୍ଠାନ ଦ୍ୱାରା ଦୁଗ୍ଧ ପ୍ରକଳ୍ପର ବାର୍ଷିକ ଉତ୍ସବ

**ନୂଆପଡ଼ା ଅଫିସ,୧୭।୧୧:** ନୂଆପଡା ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟ୍ୟାର ପଦମପୁର ଆନୁକୂଲ୍ୟରେ ଅପପୃଷ୍ଟି ନିରାକରଣ ତଥା ଅପପୃଷ୍ଟିର ସମୁଳ ନାଶ ପାଇଁ ଦୁଗ୍ଧ ନାମକ କାର୍ଯ୍ୟକ୍ରମ ହାତକୁ ଆପଣିଛି। କାର୍ଯ୍ୟକ୍ରମ ଆମେରିକାର ଯିବଦ୍ୟା ଫାଉଣ୍ଡେଶନ ସହାୟତା କରିଥିବା ବେଳେ ଗୁରୁବାର ଖଡିଆଲ ବ୍ଲକ କେନ୍ଦୁଗୁଡା ଗାଁରେ ଏହି କାର୍ଯ୍ୟକ୍ରମ ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତେ ଯୋଗଦେଇଥିଲେ। ଶିଶୁ ଓ ମା' ଉଭୟଙ୍କ ସାମଗ୍ରିକ ବିକାଶ ସହ ଶିକ୍ଷାର ଉନ୍ନତି ଆଣିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। କାର୍ଯ୍ୟକ୍ରମ ଜିଲା ସଂଯୋଜକ ଅରୁଣ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ ହରିଦାସ ପଟେଲ ଧନ୍ୟବାଦ ଦେଇଥିଲେ।

# ବିନିକା ବିଡିଓଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**ସୋନପୁର,୧୭।୧୧(ନି.ପ୍ର.)**

**ପିଏମ୍ଏୱାଇ-ଜି ହିତାଧିକାରୀ ଚୟନରେ ଦୁର୍ନୀତି ଘଟଣା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମ୍ଏୱାଇ-ଜି)ରେ ଦୁର୍ନୀତି ହୋଇଥିବା ପ୍ରମାଣ ମିଳିଛି। ଫୁଲମୁଠି ଗ୍ରାମରେ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଦୁର୍ନୀତି ହୋଇଥିବା କମିଟିର ତଦନ୍ତ ରିପୋର୍ଟରୁ ଜଣାପଡିଛି। ସମ୍ବଲପୁରରେ ରହୁଥିବା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଫୁଲମୁଠି ଗାଁର ଯୁବକ ବୃନ୍ଦାବନ ମିଶ୍ର ଏନେଇ ଲୋକାୟୁକ୍ତଙ୍କ ନିକଟରେ ଗତ ଅଗଷ୍ଟ ମାସରେ ଲିଖିତ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ଏ ସମ୍ପର୍କରେ ୧୬ ତାରିଖ ବୁଧବାର ବିନିକା ବିଡିଓ, ଫୁଲମୁଠି ଗ୍ରାମର ଆବାସ ଯୋଜନାର ହିତାଧିକାରୀ ଉଗ୍ରସେନ ମିଶ୍ର ଓ ହାଡୁ ମିଶ୍ରଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ ସମ୍ପୃକ୍ତ ୩ ଜଣ ନଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷେ ଆସନ୍ତା ଡିସେମ୍ବର ୨୭ ତାରିଖରେ ଏହି ଅଭିଯୋଗର ପରବର୍ତ୍ତୀ ଶୁଣାଣି ହେବ ବୋଲି ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଆବାସ ଦୁର୍ନୀତିରେ ବିନିକା ବ୍ଲକର ସରକାରୀ କର୍ମଚାରୀ ସାମିଲ ଅଛନ୍ତି। ପଞ୍ଚାୟତ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କ ସହାୟତାରେ କୋଠା ଘର ଥିବା ଓ ମାସିକ ପରିବାର ପେନସନ ପାଉଥିବା ଧନୀ ବ୍ୟକ୍ତିଙ୍କୁ ୨୦୨୦-୨୧ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ଘର ମିଳିଛି । ମାତ୍ର ପ୍ରକୃତ ଗରିବ ଲୋକ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉ ଥିବା ଅଭିଯୋଗ ହେଉଛି। ଚରଦା ପଞ୍ଚାୟତ ଫୁଲମୁଠି ଗାଁର ଯୁବକ ବୃନ୍ଦାବନ ମିଶ୍ର ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନରେ ଦୁର୍ନୀତି ହୋଇଥିବା ନେଇ ଅନେକ ଥର ସୁବର୍ଣ୍ଣପୁର ଜିଲାପାଳ ଓ ସମ୍ବଲପୁର ଭିଜିଲାନ୍ସ ବିଭାଗକୁ ଚିଠି ଲେଖିଥିଲେ। ପୋଲିସ ଓ ବ୍ଲକ ପ୍ରଶାସନର ତଦନ୍ତ ପରେ ରିପୋର୍ଟରେ ଅଧିକାରୀମାନେ ଆବାସ ପ୍ରଦାନରେ ଫୁଲମୁଠି ଗାଁରେ କୌଣସି ଦୁର୍ନୀତି ହୋଇ ନଥିବା ଦର୍ଶାଇଥିଲେ। ନ୍ୟାୟ ନ ମିଳିବାରୁ ବୃନ୍ଦାବନ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସମ୍ବଲପୁରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଚିଠି ଲେଖି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ ଘଟଣାର ପୁନଃ ତଦନ୍ତ ପାଇଁ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବର୍ଣ୍ଣପୁରଙ୍କୁ ସ୍ୱାଧୀନ ତଦନ୍ତର ନିର୍ଦ୍ଦେଶ ଦେଇଥିଲେ। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଓ ଡିଆରଡିଏ ଏପିଡି ଆଲୋକ ରଶ୍ମି ମିଶ୍ରଙ୍କୁ ନେଇ ଗଠିତ ଟିମ୍ ତଦନ୍ତ କରିଥିଲେ। ଏହି ଟିମ୍ କ୍ଷେତ୍ରୀୟ ତଦନ୍ତ କରି ସରକାରୀ ନିୟମର ଉଲ୍ଲଂଘନ କରି ଯୋଗ୍ୟତା ନ ଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆ ଯାଇଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଆବାସ ଦିଆଯିବା ପୂର୍ବରୁ ହିତାଧିକାରୀଙ୍କର ପକ୍କା ଘର ଥିଲା ବୋଲି ଅଧିକାରୀମାନେ ଦର୍ଶାଇଛନ୍ତି। ସେହିଭଳି ପରିବାରର ଜଣେ ମହିଳା ମାସିକ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମାସିକ ପରିବାର ପେନସନ ପାଉଛନ୍ତି। ଏହି ରିପୋର୍ଟ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ବଢାଇଛି। ଅନ୍ୟପକ୍ଷେ ପକ୍କା ଘର ପୂର୍ବରୁ ଥିଲା କି ନାହିଁ ଯାଞ୍ଚ କରିବାକୁ ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କୁହା ଯାଇଥିବା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର ପୂର୍ବରୁ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଏହି ଦୁର୍ନୀତି ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ବିଭାଗ ପକ୍ଷରୁ ମଧ ଜିଲାପାଳଙ୍କୁ ପୂର୍ବରୁ ଚିଠି ହୋଇଛି।



ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖରଭୂଇଁ ଗ୍ରାମରେ କ୍ରଶର ହଟାଅ ଦାବିରେ ଚାଲିଥିବା ଆନ୍ଦୋଳନରେ ସାମିଲ ଗ୍ରାମବାସୀ।

# ପ୍ରଶାସନର କ୍ରଶର ପ୍ରୀତି ମହଙ୍ଗା ପଡ଼ିବ: ସିପିଆଇ

**ବୌଦ୍ଧ,୧୭।୧୧(ସ୍ୱ.ପ୍ର.)**

**୧୭ ଦିନରେ ପହଞ୍ଚିଲା ଖରଭୂଇଁ କ୍ରଶର ବନ୍ଦ ଆନ୍ଦୋଳନ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁ ଗ୍ରାମରେ କ୍ରଶର ହଟାଅ ଆନ୍ଦୋଳନ ଏବେ ଉଗ୍ରରୂପ ନେବାକୁ ଯାଉଛି। ଗ୍ରାମବାସୀ କ୍ରଶର ବନ୍ଦ ପାଇଁ ଜିଦ୍‌ରେ ଅଟଳ ରହିଥିବା ବେଳେ ଦୀର୍ଘ ୧୭ ଦିନ ଧରି ଧାରଣାରେ ବସିଛନ୍ତି । ଏପଟେ ଗତ ୧୫ ତାରିଖରେ କ୍ରଶର ଆନ୍ଦୋଳନର ମୁଖ୍ୟ ଶ୍ରମିକ ନେତା ଅବକାଶ ସାହୁଙ୍କ ଗିରଫ ପରେ ଆନ୍ଦୋଳନ ଜୋରଦାର ହୋଇଛି। ରାଜ୍ୟ ସିପିଆଇର ନେତୃବୃନ୍ଦ ଭୁବନେଶ୍ୱରରେ ନାରାବାଜି ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଶ୍ରମିକ ନେତା ସାହୁଙ୍କୁ ଗିରଫ ପରେ ଜିଲା ପ୍ରଶାସନ ଜୋର ଜବରଦସ୍ତ ଠିକା ସଂସ୍ଥାର ଗାଡିଗୁଡିକ ପୋଲିସ ସୁରକ୍ଷା ବଳରେ ପଥରକ୍ୱାରିକୁ ପୁରାଇବାକୁ ଚେଷ୍ଟା କରିଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଲୋକଙ୍କ ବିରୋଧ ଯୋଗୁ ପ୍ରଶାସନ ଯାଇ ପାରି ନ ଥିଲା। ଗ୍ରାମବାସୀ କାମଧନ୍ଦା ଛାଡି ନିଜର ଛୋଟ ଛୋଟ ପିଲାଙ୍କୁ ଧରି ଧାରଣାରେ ବସିଥିବା ବେଳେ ଜିଲା ପ୍ରଶାସନ ସମାଧାନର ବାଟ ବାହାର ନ କରି ଏକ ବେସରକାରୀ ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଉଛି । ଗୁରୁବାର ଦିନ ଧାରଣା ଚାଲୁ ରହିଥିବା ବେଳେ ଦିନକୁ ଦିନ ଜନସମର୍ଥନ ବଢିବାରେ ଲାଗିଛି । ଧାରଣା ସ୍ଥଳରେ ମହିଳାମାନେ ମାଣବସା ଗୁରୁବାର ପୂଜା କରିଥିଲେ। ସିପିଆଇର ରାଜ୍ୟ ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ ନେତା ନୀଳକଣ୍ଠ ଦାସ, ଅଖିଳ ଭାରତୀୟ ଯୁବ ସଭାପତି ପ୍ରଦୀପ ସେଠୀ, ସହ ସମ୍ପାଦକ କାମଦେବ ନାହାକଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଧାରଣା ସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସିପିଆଇ ନେତାମାନେ ପ୍ରଶାସନର କ୍ରଶର ପ୍ରୀତି ମହଙ୍ଗା ପଡିବ ବୋଲି ଚେତାଇ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଉଦୟନାଥ ମାଝି ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଛାଡିବା ପାଇଁ ଅନୁରୋଧ କରିଥିଲେ। ହେଲେ ଛାତ୍ରୀଛାତ୍ରମାନେ ରୋକଠାକ୍ ମନା କରିଦେଇଥିଲେ । ସୁରକ୍ଷା ପାଇଁ ୩ ପ୍ଲାଟୁନ ପୋଲିସ ସହ ବୌଦ୍ଧ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ , ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର , ହରଭଙ୍ଗା ଥାନା ଅଧିକାରୀ ପୁଷ୍ପଲତା ରାଉତରାୟ, ପୁରୁଣାକଟକ ଥାନା ଅଧିକାରୀ ଜୋସ୍ନା କାଉଁରୀ ଗଣଧାରଣାରେ ଉପସ୍ଥିତ ଥିଲେ। ଦୀର୍ଘ ୧ ବର୍ଷ ହେଲା ବନ୍ଦ ଥିବା କ୍ରଶର ଓ କ୍ୱାରି ପୁନଃ ଚାଲୁ ନେଇ ପ୍ରଶାସନ ନିଷ୍ପତ୍ତି ନେବା ଦିନ ଠାରୁ ଖରଭୂଇଁ ଗ୍ରାମରେ ଆନ୍ଦୋଳନ ଲାଗି ରହିଛି।

# ସହାୟତା ରାଶି ନମିଳିବା ପର୍ଯ୍ୟନ୍ତ ଧାରଣା


ଖବରଦାତା ସମ୍ମିଳନୀରେ ଚାଷୀନେତାମାନେ।

**ପଦ୍ମପୁର,୧୭।୧୧(ଡି.ଏନ.ଏ)**

ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଇନପୁଟ୍ ସବସିଡ଼ି ଏବଂ ବୀମା ସହାୟତା ଘୋଷଣାକୁ ଏପର୍ଯ୍ୟନ୍ତ ରାଜବୋଡ଼ାସମ୍ବର କୃଷକ ସଂଗଠନ ସହଜରେ ଗ୍ରହଣ କରିପାରୁ ନାହିଁ। ଫଳରେ ପଦ୍ମପୁର ଉପଜିଲାପାଳ ଅଫିସ ଆଗରେ ଉପରୋକ୍ତ ଦାବି ନେଇ ଏପର୍ଯ୍ୟନ୍ତ ଚାଷୀଙ୍କ ଧାରଣା ଜାରି ରହିଛି। ଚାଷୀଙ୍କ ଆକାଉଣ୍ଟରେ ଯେପର୍ଯ୍ୟନ୍ତ ଇନପୁଟ୍ ସବ୍‌ସିଡ଼ି ଏବଂ ବୀମା ସହାୟତା ଜମା ନ ହେବ ସେପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସଂଗଠନର ସଭାପତି ବାଞ୍ଛାନିଧି ନାୟକ କହିଛନ୍ତି। ବୀମା ଟଙ୍କା ଏବଂ ଇନପୁଟ୍ ସବ୍‌ସିଡ଼ି ମିଳି ନଥିବା ଯୋଗୁ ଚାଷୀମାନେ ପଦ୍ମପୁର ଉପଜିଲାପାଳ ଅଫିସ ଆଗରେ ଚାଲିଥିବା ଧାରଣା ଗୁରୁବାର ୧୭ଦିନରେ ପହଞ୍ଚିଛି। ସେହିପରି କୃଷକ ସଂଗଠନ ବୀମା ଟଙ୍କା ଏବଂ ଇନପୁଟ୍ ସବସିଡ଼ି ନ ମିଳିବା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ନ କରିବା ପାଇଁ କୃଷକ ସଂଗଠନ ପକ୍ଷରୁ ସବୁଦଳକୁ ନିବେଦନ କରାଯାଇଥିଲା। ଦଳୀୟ ଏବଂ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରି ନଥିଲେ ହେଁ ଗୁରୁବାର ଅନ୍ତିମ ଦିବସରେ ୩ପ୍ରମୁଖ ଦଳ କଂଗ୍ରେସ, ଭାଜପା ଏବଂ ବିଜେଡ଼ି ସମେତ ୧୩ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହାପରେ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଉପରୋକ୍ତ ମନ୍ତବ୍ୟ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଚାଷୀନେତା ଲିଙ୍ଗରାଜ ପ୍ରଧାନ, ରବି ପ୍ରଧାନ, ପଞ୍ଚାନନ ସାହୁ, ଅରବିନ୍ଦ ପଣ୍ଡା, ଅଶୋକ ସାହୁ, ମୁରଲୀ ଭୋଇ, ଦହିତ ସାହୁ, ଶୁକଦେବ ମେହେର, ସାମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ନାବାଳକଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ,୧୭।୧୧(ସ୍ୱ.ପ୍ର.)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଞ୍ଜନା ସ୍ୱାଇଁ ଗୁରୁବାର ଦିନ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ଜଣେ ନାବାଳକଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ମନମୁଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ନାବାଳକ ଗତ ୬।୧।୨୦୧୭ ତାରିଖରେ ରାସ୍ତାରୁ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ଭାଇ ଗତ ୧୩।୧।୨୦୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମନମୁଣ୍ଡା ପୋଲିସ ନଂ ୧୦/୧୭ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜଙ୍କ ଅଦାଲତରେ ସ୍ପେଶାଲ କେସ ୩/୧୭ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୨୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଥିବା ନେଇ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରା ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ନାବାଳିକାଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଧୂରୀଣ କୁମାର ଦେହୁରୀ ପରିଚାଳନା କରୁଥିଲେ।

## ଠିକ୍ ସମୟରେ କାମ ନ କଲେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ବୌଦ୍ଧ,୧୭।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷ ଠାରେ ଗୁରୁବାର ଦିନ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧକ୍ଷତାରେ କାୟାକଳ୍ପ ସମ୍ବନ୍ଧିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରସ୍ତାବିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟ, ବିପିଏମମାନଙ୍କୁ ନେଇ ଏହି କାୟାକଳ୍ପ ସମ୍ବନ୍ଧୀୟ ତାଲିମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଡିପିଏମ, ଏଡିଏମଓ (ପରିବାର କଲ୍ୟାଣ), ଏଡିଏମଓ(ମେଡିକାଲ), ଏଡିଏମଓ (ଜନସ୍ୱାସ୍ଥ୍ୟ) ଡା.ମଦନମୋହନ ପ୍ରଧାନ ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ପରାମର୍ଶଦାତା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି କ୍ରମେ ସମସ୍ତ କର୍ମଚାରୀ ଆଜିଠାରୁ ଏକ ଡାଏରି କରି କାୟାକଳ୍ପ କାର୍ଯ୍ୟକ୍ରମକୁ ରେକର୍ଡ କରିବେ। ପ୍ରତ୍ୟେକ ୭ ଦିନରେ କାର୍ଯ୍ୟକୁ ସମୀକ୍ଷା କରାଯିବ । ଆବଶ୍ୟକ ସ୍ଥଳେ ଆଭାସି ଜରିଆରେ କାମକୁ ତଦାରଖ କରାଯିବ। ସମସ୍ତ ଲାଇନ ଡିପାର୍ଟମେଣ୍ଟକୁ ନେଇ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କ ଏକ ବୈଠକ ପ୍ରତି ମାସରେ ଅନୁଷ୍ଠିତ ହେବ । ଫଳରେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହାସହିତ ୫ ଟି ସ୍ୱାସ୍ଥ୍ୟକେନ୍ଦ୍ର ତଳଗାଁ, ଜହ୍ନାପଙ୍କ, ସରସରା, ଧଳପୁର, କୁଶଙ୍ଗ ଏବଂ କଣ୍ଟାମାଳ ଡାକ୍ତରଖାନାକୁ ଏହି ବର୍ଷ ନିମନ୍ତେ କାୟାକଳ୍ପ କାର୍ଯ୍ୟକ୍ରମରେ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାପାଳଙ୍କ ପୋଷ୍ୟ ଡାକ୍ତରଖାନା ଭାବରେ ଘୋଷଣା କରାଗଲା। ଏଥିସହିତ ଜିଲାରେ କାୟାକଳ୍ପ କାର୍ଯ୍ୟକ୍ରମକୁ ସଫଳ କରାଇବାକୁ ଜିଲାପାଳ ଆହ୍ୱାନ କରିବା ସହିତ ଠିକ୍ ସମୟରେ କାମ ନ କଲେ ଖିଲାପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର,ଫାର୍ମାସିଷ୍ଟ ଓ ସମସ୍ତ କର୍ମଚାରୀଙ୍କ ଫଟୋ ନାମ ସହିତ ଯୋଗାଯୋଗ ଫୋନ ନମ୍ବର ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଏହାବ୍ୟତୀତ ଡାକ୍ତରଖାନାର ଚିକିତ୍ସିତ ରୋଗୀମାନଙ୍କ ଫଟୋ ଲଗାଯିବା ସହିତ କାୟାକଳ୍ପ ସଂପର୍କରେ ଏକ ଡକୁମେନଟେସନ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଜିଲା ମୁଖ୍ୟ ଚକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ


କେନଝିରିଆପାଲିରେ ଅଷ୍ଟପ୍ରହର ନାମଯଜ୍ଞ ।

**ଅମରପାଲି,୧୭।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ମଠରେ ଥିବା ରାଧାକୃଷ୍ଣ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମଠର ମହନ୍ତ ଘୁଙ୍ଗାନନ୍ଦପୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ ନାମଯଜ୍ଞରେ ବନମାଳୀ ଚାନ୍ଦ ପୂଜକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ରଘୁନାଥ ପାଣିଗ୍ରାହୀ ଓ ଶେଷଦେବ ରଥ ଯଜ୍ଞ କାର୍ଯ୍ୟ କରିଥିବା ବେଳେ ନାରାୟଣ ଦେହୁରୀ ଓ ସୁନୀଲ ପଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଏଥିରେ ଅଞ୍ଚଳର କେନଝିରିଆପାଲି, ଲୁଡୁରପଙ୍କ, ତେଲିପାଲି,ମୁର୍ଷୁଣ୍ଡି, ବଲିପାଲି, କାଦୋବର ଗ୍ରାମର ମହିଳା ସଂକୀର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରି ସଂର୍କତ୍ତନ୍ୟ ପରିବେଷଣ କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

# ସମସ୍ତ ସରକାରୀ ଅଫିସ ବନ୍ଦ

**ବଲାଙ୍ଗୀର ଅଫିସ, ୧୭।୧୧**


ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ବିଭିନ୍ନ ସଙ୍ଗଠନ ସଦସ୍ୟ।

**ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି**

- ଅଟୋଚାଳକ ଶୋଭାଯାତ୍ରାରେ ଆସି ରାସ୍ତାରୋକୋ କଲେ
- ସୁପ୍ରିମକୋର୍ଟଙ୍କ ଚେତାବନୀକୁ ନିନ୍ଦା

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ଗୁରୁବାର ସମସ୍ତ ସରକାରୀ ଅଫିସ ବନ୍ଦ କରାଯାଇଥିଲା। ଏଥିସହ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା, ବିକ୍ଷୋଭ ଏବଂ ପ୍ରତୀକାତ୍ମକ ରାସ୍ତାରୋକୋ କରାଯାଇଥିଲା। ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପରିଚାଳିତ ଏହି ଆନ୍ଦୋଳନକୁ ଜିଲାର ବହୁ ସାମାଜିକ, ସାଂସ୍କୃତିକ, ବେସରକାରୀ ସଂସ୍ଥା, ଟ୍ରେଡ ୟୁନିଅନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସମର୍ଥନ କରିଥିଲେ।

ଗୁରୁବାର ସକାଳ ୬ରୁ ପ୍ରଧାନ ଡାକଘର ସମ୍ମୁଖରେ ପିକେଟିଂ କରାଯାଇଥିଲା। ଏହାପରେ ପୂର୍ବାହ୍ନ ୯ଟାରୁ ଜିଲାପାଳ ଅଫିସ, ଡିଆର୍‌ଡିଏ, ଡିଏଫ୍‌ଓ ଅଫିସ, ସିଭିଲ କୋର୍ଟ, ସିଡିଏମ୍‌ଓ ଅଫିସ, ସିଏସ୍‌ଓ ଅଫିସ, ବ୍ୟାଙ୍କ, ବୀମା ପ୍ରତିଷ୍ଠାନ ଗୁଡିକୁ ବନ୍ଦ କରିବାକୁ ସଙ୍ଗଠନମାନଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ବିଭିନ୍ନ ସରକାରୀ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀମାନେ ପିକେଟିଂ କରିଥିଲେ। ପୂର୍ବାହ୍ନ ସାଢ଼େ ୯ଟାରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆକ୍ସନ କମିଟି ଆବାହକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ ଏବଂ ସଂଘ ସଦସ୍ୟ ଯୋଗଦେଇ ଥିଲେ। ପ୍ରତିବାଦ ସଭା ଚାଲିଥିବା ସମୟରେ ଶ୍ରୀଗଣେଶ ଅଟୋ ଚାଳକ ସଂଘ ସଦସ୍ୟମାନେ ଅଟୋରିକ୍ସା ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଚେରୀ ଛକ ଚାରିପଟେ ଅଟୋରିକ୍ସା ରଖାଯାଇ ପ୍ରତୀକାତ୍ମକ ଭାବେ କିଛି ସମୟ ପାଇଁ ରାସ୍ତାରୋକୋ କରାଯାଇଥିଲା। ସଂଘ ସଭାପତି ଦ୍ରୋଣ କୁମ୍ଭାରଙ୍କ ନେତୃତ୍ୱରେ ଅଟୋ ଚାଳକ ମାନେ ଧାରଣାରେ ଯୋଗଦାନ କରିଥିଲେ। ପ୍ରତିବାଦ ସଭାରେ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ନୀଳମଣି ମିଶ୍ର, ସରୋଜ ପାଣିଗ୍ରାହୀ, ଅଶୋକ ରାଉତ, ରାଜେନ୍ଦ୍ର ମିଶ୍ର, ସମାଜସେବୀ ବିକ୍ରମାନନ୍ଦ ବହିଦାର, ବିଜେଡି ନେତା ଲୋଟସ ଷଡଙ୍ଗୀ, ଆଇନଜୀବୀ ସରୋଜ ପାଣିଗ୍ରାହୀ, ପ୍ରମୋଦ ତ୍ରିପାଠୀ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଗୋପବନ୍ଧୁ ଶତପଥୀ, ରଘୁନନ୍ଦନ ସିଂହ, ସ୍ୱେଚ୍ଛାସେବୀ ବିକାଶ ସା, କାହ୍ନା ଶତପଥୀ, ନୂତନ ଦାସ, ଶ୍ରମିକ ନେତା ବିଭୁଦତ୍ତ ମିଶ୍ର, ରବି ମିଶ୍ର, ଅନନ୍ତ ବିଶ୍ୱାଳ, ସୌମ୍ୟରଞ୍ଜନ ମିଶ୍ର, ଗୋପଭୂଷଣ ନାଥ, ବରିଷ୍ଠ ନାଗରିକ କମିଟି ସଭାପତି ପ୍ରଭାକର ମିଶ୍ର, ଯୁବନେତା ନିବେଶ ପାଣିଗ୍ରାହୀ, ବ୍ୟାଙ୍କ କର୍ମଚାରୀ ନେତା ପୁଲିନ ମିଶ୍ର, ଭିଆଇପି ପାର୍ଟି ସଭାପତି ଡ. ବିପିନ କୁଶଲିଆ, ଜିଲା ଓକିଲ ସଂଘ ସମ୍ପାଦକ ଅଧିକାରୀ ଦନ୍ତା ଓ ଅନ୍ୟମାନେ ଉପସ୍ଥିତ ରହି ସରକାରଙ୍କ ଟାଳଟୁଲ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ।

ବଲାଙ୍ଗୀରରେ ହାଇକୋର୍ଟ ଥିଲା ଏବଂ ଓଡିଶା ମିଶ୍ରଣ ପରେ ଏହା ଉଠାଇ ଦିଆଯାଇଥିଲା। ଏହି ସତ୍ୟତାକୁ ଆଧାର କରି ଏବଂ ଯଶୋବନ୍ତ ସିଂ କମିଶନ ରିପୋର୍ଟକୁ ଭିତ୍ତି କରି ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା କରାଯିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ନିଜର ନ୍ୟାର୍ଯ୍ୟ ଦାବି ହାସଲ ଦିଗରେ ଗଣତାନ୍ତ୍ରିକ ଆନ୍ଦୋଳନ କରୁଥିବାବେଳେ ଆନ୍ଦୋଳନରତ ଓକିଲ ମାନଙ୍କ ଲାଇସେନ୍ସ ରଦ୍ଦ କରିବା ନେଇ ସୁପ୍ରିମକୋର୍ଟ ଦେଇଥିବା ଚେତାବନୀକୁ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ଓ ଅନ୍ୟ ଆଡଭୋକେଟ ନିନ୍ଦା କରିଥିଲେ। ଦାବି ହାସଲ ନହେବା ପର୍ଯ୍ୟନ୍ତ ବଲାଙ୍ଗୀରବାସୀ ଲଢ଼େଇ ଜାରି ରଖିବେ ବୋଲି ଘୋଷଣା କରାଯାଇଥିଲା। ଶେଷରେ ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

